## ବଜ୍ରପାତରେ ଯୁବକ ମୃତ

ବସ୍ତା,(ଡି.ଏନ୍.ଏ.)-ବସ୍ତା ବ୍ଲକ ଅଧୀନ ଜାମଶୁଳି ଗ୍ରାମରେ ଶନିବାର ଭୋର ସମୟରେ ବଜ୍ରପାତ ହୋଇ ଜଣଙ୍କର ଜୀବନ ଯାଇଛି। ସିଂଲା ଥାନା ଜାମଶୁଳି ଗ୍ରାମର ନବୀନ ଦାସ (୫୦) ନିଜ ଚାଷ ଜମିକୁ ଯାଇଥିବା ବେଳେ ସେଠାରେ ବଜ୍ରପାତ ହୋଇଥିଲା। ତେବେ ସେ ବିଲରୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ବିଲରୁ ତାଙ୍କର ମୃତଦେହକୁ ଉଦ୍ଧାର କରି ଘରକୁ ଆଣିଥିଲେ। ଏନେଇ ସିଂଲା ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।



## ସଂକ୍ଷେପରେ

### ଓଭରବ୍ରିଜ୍ ଉପରେ ଲଟକିଛି ଦୁର୍ଘଟଣାଗ୍ରସ୍ତ ଟିପ୍ପର



ଭଦ୍ରକ ଅଫିସ,୨।୭-ଭଦ୍ରକ ସହର ବନ୍ତ ଛକ ଓଭରବ୍ରିଜ୍ ଉପରେ ଲଟକି ରହିଛି ଏକ ଟିପ୍ପର। ଶନିବାର ସନ୍ଧ୍ୟାରେ ଉକ୍ତ ଟିପ୍ପର ସହ ଏକ ପିକ୍ଅପ୍ ଭ୍ୟାନ୍ର ମୁହାଁମୁହିଁ ଧକ୍କା ହୋଇଥିଲା। ଟିପ୍ପରଟି ବ୍ରିଜ୍ର ବାଡ଼ା ଉପରେ ଲଟକି ରହିଥିଲା। ଚାଳକ ଓ ହେଲ୍ପର ତଳକୁ ଖସିପଡ଼ି ଆହତ ହୋଇଛନ୍ତି। ସେମାନଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

### ୨ ପାୱାର ଟିଲର ଚୋରି

ପାଟଣା,୨।୭(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ କୁଆପଶି ଗ୍ରାମର ଅର୍ଜୁନ ମହାନ୍ତଙ୍କ ଭିଏସ୍ଟି ପାୱାର ଟିଲର ବୁଧବାର ରାତିରେ ଚୋରି ହୋଇଥିବା ପାଟଣା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଅର୍ଜୁନଙ୍କ ଟିଲର ତାଙ୍କ ଘର ସମ୍ମୁଖରେ ଥିବା ବେଳେ କେହି ଦୁର୍ବୃତ୍ତ ଚୋରି କରିନେଇଥିବା ଅଭିଯୋଗ ହୋଇଛି। ଅନୁରୂପ ଭାବେ ମୃଷାଖରୀ ପଞ୍ଚାୟତ ମଲ୍ଲି ପଶି ହାଟ ପଡିଆ ସାହିର ପରୀକ୍ଷିତ ମହାନ୍ତଙ୍କ ପାୱାର ଟିଲରଟି ଜୁନ ୨୪ ତାରିଖ ରାତିରେ ଘର ବାରଣ୍ଡାରେ ଥିବାବେଳେ ଚୋରି ହୋଇଯାଇଛି। ତେବେ ଚୋରି ପାୱାର ଟିଲର ମିଳିବାର ଆଶଙ୍କା କମ୍ଥିବାରୁ ପରୀକ୍ଷିତ ଥାନାରେ ଏତଲା ଦେଇ ନାହାନ୍ତି ବୋଲି କହିଛନ୍ତି।

### ଜୁଲାଇରେ ୪ ମିଳିତ ଅଭିଯୋଗ ଶୁଣାଣି

ବାଲେଶ୍ୱର ଅଫିସ, ୨।୭- ବାଲେଶ୍ୱର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଜୁଲାଇ ମାସ ପାଇଁ ୪, ୧୧, ୧୮ ଓ ୨୫ ତାରିଖରେ ଜିଲାର ବିଭିନ୍ନ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଜୁଲାଇ ୪ ତାରିଖରେ ଖଇରା ବ୍ଲକ କାର୍ଯ୍ୟାଳୟ, ଜୁଲାଇ ୧୧ରେ ସଦର ବ୍ଲକ କାର୍ଯ୍ୟାଳୟ, ଜୁଲାଇ ୧୮ରେ ଭୋଗରାଇ ବ୍ଲକ କାର୍ଯ୍ୟାଳୟ ଏବଂ ଜୁଲାଇ ୨୫ରେ ରେମୁଣା ବ୍ଲକ କାର୍ଯ୍ୟାଳୟରେ ଏହା ଅନୁଷ୍ଠିତ ହେବ। ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଶିବିରରେ ଉପସ୍ଥିତ ରହିବେ। ଏଥିରେ ଜନସାଧାରଣ ସେମାନଙ୍କର ବିଭିନ୍ନ ଅଭିଯୋଗ ଉପସ୍ଥାପନ କରିପାରିବେ।

### ଡେବେରାପାଲିରେ ରଥଯାତ୍ରା

ମାଧପୁର, ୨।୭: ଆଠମଲ୍ଲିକ ବ୍ଲକ କମ୍ପଲା ପଞ୍ଚାୟତ ଡେବେରାପାଲି ଗ୍ରାମରେ ଶନିବାର ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହେଉଥିବାବେଳେ ଏଠାରେ ତୃତୀୟାରେ ଶ୍ରୀଗୁଣ୍ଡିଚା ଯାତ୍ରା ପାଳିତ ହୋଇଥାଏ। ନିର୍ଦ୍ଧାରିତ ସମୟରେ ନୀତିକାନ୍ତି ସରିବା ପରେ ଠାକୁରଙ୍କୁ ରଥାରୂଢ଼ କରାଯାଇ ମାଉସୀ ମା' ମନ୍ଦିରକୁ ନିଆଯାଇଥିଲା। ଗ୍ରାମବାସୀ ସହଯୋଗ କରିଥିଲେ।

### ଏସିଏଫ୍ ସୌମ୍ୟଙ୍କୁ ଶ୍ରାଦ୍ଧ ଦେଲେ ପରିବାର ଲୋକେ

ଖଇରା, ୨।୭(ଡି.ଏନ.ଏ.)- ପାରଳାଖେମୁଣ୍ଡି ଏସିଏଫ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁକୁ ବର୍ଷେ ପୂରିବା ପରିପ୍ରେକ୍ଷୀରେ ମା' ବାପା ଶନିବାର ସକାଳେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ବାପା ଅଭିରାମ ମହାପାତ୍ର ହିନ୍ଦୁ ରାତିନୀତିରେ ଖଇରା ବ୍ଲକ ଅଧୀନ ବେଗୁନିଆ ଗ୍ରାମରେ ପୁଅକୁ ଶ୍ରାଦ୍ଧ ଦେବା ପରେ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ପାଖରେ ବାରମ୍ବାର ନ୍ୟାୟ ପ୍ରାର୍ଥନା କରିଥିଲେ ମଧ ତାଙ୍କୁ ନ୍ୟାୟ ମିଳିଲା ନାହିଁ। ଜଗନ୍ନାଥ ଉପଯୁକ୍ତ ବିଚାର କରି ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରିବେ ବୋଲି କହିଛନ୍ତି । ଉଲ୍ଲେଖଯୋଗ୍ୟ, ବର୍ଷେ ତଳେ ପାରଳାଖେମୁଣ୍ଡିରେ ଏସିଏଫ୍ ଭାବେ କାର୍ଯ୍ୟରତ ସୌମ୍ୟରଞ୍ଜନ ମହାପାତ୍ର ନିଆଁରେ ପୋଡିହୋଇ ସନ୍ଦେହଜନକ ଭାବେ ମୃତ୍ୟୁବରଣ କରିଥିଲେ। ଏହାକୁ ପରିବାର ଲୋକେ ହତ୍ୟା ଘଟଣା ବୋଲି ଅଭିଯୋଗ ଆଣିବା ସହ ସ୍ତ୍ରୀ ବିଦ୍ୟାଭାରତୀ, ଡିଏଫ୍ଓ, ତତ୍କାଳୀନ ଜଙ୍ଗଲମନ୍ତ୍ରୀ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ଆଣିଥିଲେ ।

# ପାଚିକା ସହାୟିକା ସଂଘ ପକ୍ଷରୁ ଘେରାଉ

ବାଲେଶ୍ୱର ଅଫିସ, ୨।୭

ବାଲେଶ୍ୱର ଜିଲାରେ ବିଦ୍ୟାଳୟଗୁଡ଼ିକର ମିଶ୍ରଣକୁ ବିରୋଧ କରି ଓଡ଼ିଶା ମଧ୍ୟାହ୍ନଭୋଜନ, ପାଚିକା ସହାୟିକା ସଂଘ ବାଲେଶ୍ୱର ଶାଖା ତରଫରୁ ସିଆଇଟିୟୁ ନେତୃତ୍ୱରେ ଶନିବାର ଜିଲା ଶିକ୍ଷା ଅଧିକାରୀଙ୍କ ଅଫିସ୍ ଘେରାଉ କରାଯାଇଥିଲା। ଏକ ପ୍ରତିନିଧି ଦଳ ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୂତାରଙ୍କ ଜରିଆରେ ୧୦ ଦଫା ସମ୍ବଳିତ ଦାବିପତ୍ର ଗଣଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସ୍କୁଲଗୁଡିକରେ ଆବଶ୍ୟକ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀ ନ ଥିବା ଯୋଗୁ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିବାରେ ଲାଗିଛି। କୋଭିଡ୍-୧୯ ମହାମାରୀ ସମୟରେ ଶିକ୍ଷା ବ୍ୟବସ୍ଥାର ଏପରି ମିଶ୍ରଣ କରିବା ନିଷ୍ପତ୍ତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସଙ୍ଗଠନ ତରଫରୁ ପ୍ରତିକ୍ରିୟା ପ୍ରକାଶ କରାଯାଇଛି। ପାଚିକା, ସହାୟିକାମାନଙ୍କୁ ରୋଷେଇ କାମ ବ୍ୟତୀତ ଅନ୍ୟାନ୍ୟ ସ୍କୁଲର କାମରେ ନିୟୋଜିତ କରିବା ବନ୍ଦ କରାଯାଉ। ଏତଦ୍ବ୍ୟତୀତ ପାଚିକା ସହାୟିକାମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ସହିତ ସର୍ବନିମ୍ନ ୨୬ହଜାର ଟଙ୍କା ଦରମା, ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ୨୮ମାସର ବକେୟା ଭତ୍ତା ତୁରନ୍ତ ପ୍ରଦାନ କରିବା, ଅବସର ସମୟସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି କରିବା, ଛଟେଇ ପାଚିକାଙ୍କୁ ପୁନଃ ନିଯୁକ୍ତି ଦେବା, ପିଏଫ୍ ଓ ଇଏସ୍ଆଇ ସ୍କିମ୍ ଲାଗୁ କରିବା, ବର୍ଷକୁ ଦୁଇଖଣ୍ଡ ଶାଢ଼ୀ ଦେବା, କର୍ଣ୍ଣାଟକ ଓ ଉତ୍ତରପ୍ରଦେଶରେ ପାଚିକାମାନଙ୍କୁ ମାସିକ ୩ହଜାର ଟଙ୍କା ଭତ୍ତା ଦେବା ଭଳି ଓଡ଼ିଶାରେ ଦିଆଯିବାକୁ ଦାବି କରାଯାଇଛି। ଧାରଣାରେ ରାଜ୍ୟ ସାଧାରଣ ସମ୍ପାଦିକା ଇଷାନୀ ଷଡ଼ଙ୍ଗୀ, ଜିଲା ସଭାପତି ମୃତ୍ୟୁଞ୍ଜୟ ରାଉତ, ସିଆଇଟିୟୁର ଜିଲା ଆବାହକ ରାଜକିଶୋର ଲେଙ୍କା, ସୁଶାନ୍ତ ସାହୁ, ପୂର୍ଣ୍ଣିମା ବେହେରା, ବସନ୍ତ ପ୍ରଧାନ, ପୁତୁଲ ଦାସ, ରମାକାନ୍ତ ରଣା, କନକଲତା ଦାସ, ଶ୍ୟାମାପଦ ଦାସ, ଦ୍ରୌପଦୀ ଦାସ, ମନ୍ମଥ ବେହେରା, ରାମଶଙ୍କର ଜେନା, ସୁଶିଳା ପାଣିଗ୍ରାହ, ବିନୋଦିନୀ ପଣ୍ଡା ପ୍ରମୁଖ ନେତୃତ୍ୱ ନେଇଥିଲେ।




ପାଚିକା ସହାୟିକା ସଂଘ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କ ଅଫିସ ଘେରାଉ କରାଯାଇଛି।

# ରଥଯାତ୍ରାରେ ସଫେଇ

ବାଲେଶ୍ୱର ଅଫିସ, ୨।୭

ବାଲେଶ୍ୱର ଜିଲା ବାହାନଗା ବ୍ଲକ କୁଲିଗାଁରେ ପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ କୁଲିଗାଁ ପଞ୍ଚାୟତର ମିଶନ ଶକ୍ତିର ସଦସ୍ୟା, ପଞ୍ଚାୟତ ସଭ୍ୟାସଭ୍ୟ ଏବଂ କୁଲିଗାଁ ଯୁବ ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ଏକ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗନ୍ନାଥ ମନ୍ଦିର ପରିସର ଓ ରଥଦାଣ୍ଡକୁ ସଫା କରାଯାଇଥିଲା। ଏଥିରେ ମିଶନ ଶକ୍ତି ଏମ୍ଭିକେ ବାସନ୍ତି ମହାନ୍ତି, ସେକ୍ରେଟାରୀ ସସ୍ମିତା ବିଶ୍ୱାଳ, ସରପଞ୍ଚ ପ୍ରଭାସିନୀ ମଣ୍ଡଳ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ତରଫରୁ ଗଣେଶ ଚନ୍ଦ୍ର ମଣ୍ଡଳ, ପାର୍ଥସାରଥୀ ପ୍ରଧାନ, ଅଭୟ ରାଉତ, ବସନ୍ତ ମିଶ୍ର, ଯଶୋବନ୍ତ ମଣ୍ଡଳ, ଚନ୍ଦନ ମଣ୍ଡଳ, ପାର୍ଥସାରଥୀ ପ୍ରଧାନ, ଅଭୟ ରାଉତ, ବସନ୍ତ ମିଶ୍ର, ଯଶୋବନ୍ତ ମଣ୍ଡଳ, ଚନ୍ଦନ ମଣ୍ଡଳ, ମୁକ୍ତିକାନ୍ତ ମଣ୍ଡଳ, ଅକ୍ଷୟ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

# ଟ୍ରେନ୍ରେ କଟି ଯୁବକ ମୃତ

ସୋର, ୨।୭(ଡି.ଏନ୍.ଏ.)

ଶୁକ୍ରବାର ବିଳମ୍ବିତ ରାତିରେ ସୋର ଷ୍ଟେଶନରେ ଜଣେ ଯୁବକ ଟ୍ରେନ୍ ଲାଇନ୍ ପାର ହେଉଥିବା ବେଳେ କଟିଯାଇ ପ୍ରାଣ ହରାଇଛନ୍ତି। ସେ ହେଉଛନ୍ତି ସୋର ଥାନା ଅଧୀନ ୩ନଂ. ୱାର୍ଡ କମରପୁରସ୍ଥିତ ଅନ୍ନପୂର୍ଣ୍ଣା ରାଇସ୍ ମିଲ୍ ପରିସରରେ ରହୁଥିବା ଗୁଲୁ ମୁର୍ମୁଙ୍କ ପୁଅ ଶ୍ୟାମସୁନ୍ଦର(୨୫)। ସେ ରାତି ପ୍ରାୟ ୧୨ଟାରେ ବେଳେ ୧ ନଂ ପ୍ଲାଟ୍ଫର୍ମରେ ଲାଇନ୍ ପାର ହେଉଥିବା ବେଳେ ଏକ ମାଲ ବୋଝେଇ ଧକ୍କା ଦେଇଥିଲା। ଶନିବାର ମଧ୍ୟାହ୍ନରେ ଶ୍ୟାମସୁନ୍ଦରଙ୍କ ଅନ୍ତିମ ସଂସ୍କାର କରାଯାଇଛି।

# ବେଆଇନ ରାସ୍ତା ନିର୍ମାଣ ବନ୍ଦ କରିବାକୁ ଦାବି

କେନ୍ଦୁଝର, ୨।୭ (ସ୍ୱ.ପ୍ର.)

କେନ୍ଦୁଝର ସଦର ତହସିଲ ଅନ୍ତର୍ଗତ ଧୂପଦା ନିକଟ ମୋଚିଗାଁ ନିକଟରେ ଏନ୍ଏଚ୍ ୪୯ ଫ୍ଲାଏ ଓଭର କଡରେ ଏକ ରାସ୍ତା ନିର୍ମାଣକୁ ନେଇ ଅସନ୍ତୋଷ ଦେଖାଦେଇଛି। ଉକ୍ତ ରାସ୍ତା ନିର୍ମାଣରେ କାରଖାନାର ବର୍ଜ୍ୟବସ୍ତୁ କଳାଗୁଣ୍ଡ ବ୍ୟବହାର କରାଯାଇଥିବାରୁ ଉକ୍ତ ଅଞ୍ଚଳରେ ଜଳ ଓ ବାୟୁ ପ୍ରଦୂଷଣ ହେଉଛି।

ପ୍ରକାଶ ଯେ, ଚାଷ ଜମି ବର୍ତ୍ତମାନ ସଙ୍କୁଚିତ ହେବାକୁ ବସିଥିବାବେଳେ ରାସ୍ତା ନ ଥାଇ ମଧ କେନ୍ଦୁଝର ସହରରେ ଜମି ବିକ୍ରି ପାଇଁ କେତେକ ଜମି ମାଫିଆ ଜମି ମାଲିକଙ୍କୁ ପ୍ରଲୋଭିତ କରି କିଣାବିକା କରୁଛନ୍ତି। ଫଳରେ ପରବର୍ତ୍ତୀ ସମୟରେ ଜମି କିଣୁଥିବା ବାହାର ଲୋକେ ହୀନସ୍ତା ହେବା ସହ ଠକାମୀର ଶିକାର ହେଉଛନ୍ତି । ଏପରିକି ରାସ୍ତା ନ ଥିଲେ ମଧ ତହସିଲ, ସହର ଯୋଜନା ପ୍ରାଧିକରଣକୁ ଫାଙ୍କି ଏଭଳି ବେଆଇନ କାମ କରୁଥିବା ଆଲୋଚନା ହେଉଛି । ସେହିପରି ପୂର୍ବରୁ ମୋଚିଗାଁ ନିକଟ କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସର ଦେଇ ଏକ ରାସ୍ତା ନିର୍ମାଣ କରି ପଛ ପାଖରେ ଥିବା ଜମି କିଣାବିକାରେ ବିଫଳ ହୋଇଥିଲେ । ଏବେ ସରକାରୀ ଜମିରେ ନୟନଯୋଡି କିସମ ଥାଇ ମଧ କାରଖାନାର ବର୍ଜ୍ୟବସ୍ତୁ ପକାଇ ଆଉ ଏକ ରାସ୍ତା ନିର୍ମାଣ କରାଯାଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ଯୋଗୁ ନାଳ ପୋତି ହୋଇଯାଇଥିବାରୁ ସହରାଞ୍ଚଳର ପାଣି ନିଷ୍କାସିତ ନ ହୋଇ କୃଷି ବିଭାଗ କାର୍ଯ୍ୟାଳୟ ପାଇଁ ସମସ୍ୟା ସୃଷ୍ଟି ହେବା ଆଶଙ୍କା ରହିଛି। ସେହିପରି ଜାତୀୟ ରାଜପଥ ଡ୍ରେନରେ ମଧ ପାଣି ଯିବାରେ ବାଧା ସୃଷ୍ଟି ହେଉଛି। କଳାଗୁଣ୍ଡ ଯୋଗୁ ଆଖପାଖ ଅଞ୍ଚଳର ଚାଷ ଜମି କ୍ଷତିଗ୍ରସ୍ତ ହେବା ସହ ଜାତୀୟ ରାଜପଥ ପାର୍ଶ୍ୱରେ ଓଡିଶା ବନ ଉନ୍ନୟନ ନିଗମ ଦ୍ୱାରା କରାଯାଇଥିବା ବନୀକରଣ ମଧ କ୍ଷତିଗ୍ରସ୍ତ ହୋଇଛି। ଏଣୁ ଏହି ରାସ୍ତା ବନ୍ଦ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି । ଓଏଫଡିସି ଡିଏମ୍ ସୁରେଶ ମଲ୍ଲିକ କହିଛନ୍ତି, ବନୀକରଣ ନଷ୍ଟ ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ କେନ୍ଦୁଝର ତହସିଲଦାର ଆଶିଷ ମହାପାତ୍ର କହିଛନ୍ତି, ରେଭେନ୍ୟୁ ଇନ୍ସପେକ୍ଟରଙ୍କୁ ପଠାଇ ଏହାର ଯାଞ୍ଚ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ।

# ଟାଙ୍ଗିଆ ଚୋଟରେ ଯୁବକ ଗୁରୁତର



ଛେଣ୍ଡିପଦା, ୨।୭(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ହରୀବେରେଣି ଗ୍ରାମରେ ଶୁକ୍ରବାର ରାତିରେ ପଡ଼ୋଶୀଙ୍କ ଟାଙ୍ଗିଆ ଚୋଟରେ ଜଳଧର ବେହେରା ନାମକ ଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସାମାନ୍ୟ ସୁସ୍ଥ ଅନୁଭବ କରିବା ପରେ ସେ ଥାନାରେ ଏତଲା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ବାବାଜୀ ବେହେରା ଏବଂ ତାଙ୍କ ସ୍ତ୍ରୀ ରୀନା ବେହେରାଙ୍କ ମଧ୍ୟରେ କୌଣସି କାରଣରୁ କଳହ ଲାଗିଥିଲା। ଗ୍ରାମର ପ୍ରମୋଦ ବେହେରା ପହଞ୍ଚି ଏଥିରେ ହସ୍ତକ୍ଷେପ କରିବା ସହ ଉଭୟଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ବାବାଜୀଙ୍କ ସମ୍ପର୍କୀୟ ବଡ଼ଭାଇ ଜଳଧର ପହଞ୍ଚି ବୁଝାଶୁଝା କରି ପ୍ରମୋଦଙ୍କୁ ପଠାଇ ଦେଇଥିଲେ। ଜଳଧର ଘର ନିକଟ ଦୋକାନ ସମ୍ମୁଖରେ ଛିଡା ହୋଇଥିବା ବେଳେ ପ୍ରମୋଦଙ୍କ ଭାଇ ଅଶୋକ ବେହେରା ତାଙ୍କୁ ଘର ନିକଟକୁ ଡାକି ନେଇଥିଲେ। ଏହି ସମୟରେ ପ୍ରମୋଦ ଏକ ଟାଙ୍ଗିଆରେ ହଠାତ୍ ଜଳଧରଙ୍କ ମୁଣ୍ଡ ଓ ଡାହାଣକୁ ଆକ୍ରମଣ କରିଥିଲେ। ସୂଚନା ପାଇ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା




ଅନୁଗୋଳ ଅଫିସ,୨।୧

ଅନୁଗୋଳ ଷ୍ଟାଡିୟମଠାରେ ଶନିବାର ଜିଲାସ୍ତରୀୟ ଦୌଡକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଗୋଳ ଜିଲାର ବିଭିନ୍ନ ବ୍ଲକରୁ ୪୪ ଜଣ ଏବଂ ବୌଦ୍ଧ ଜିଲାରୁ ୩ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଜିଲା ଶାରିରୀକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ସିହ୍ନା, ଜିଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଠ, କ୍ରୀଡା ଶିକ୍ଷକ ଦୁଷ୍ମନ୍ତ ସାହୁ, ମାନସ ସାହୁ, ବିନୋଦ ଚନ୍ଦ୍ର ଦେହୁରୀ, ଅମିୟ ସାହୁ, ଆଶିସ ବେହେର, ଏଲିଜାବେଥ ସାହୁ ଓ ନିବେଦିତା ସାମଲ ପରିଚାଳନା କରିଥିଲେ। ପ୍ରକାଶଥାଉକି, ଚଳିତ ମାସ ୪ ତାରିଖରେ କବାଡ଼ି, ୬ରେ ଭଲିବଲ, ୫ ରେ ଖୋଖୋ ଓ ୯ ତାରିଖରେ ସନ୍ତରଣ କ୍ରୀଡା ପାଇଁ ଚୟନ କରାଯିବ। ଏଥିରେ ଯେଉଁମାନେ ଶ୍ରେଷ୍ଠ କ୍ରୀଡା ପ୍ରଦର୍ଶନ କରିବେ ସେମାନେ ରାଜ୍ୟସ୍ତରୀୟ କ୍ରୀଡା ଚୟନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜିଲା କ୍ରୀଡା ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି।

# ଏକଟଙ୍କାରେ ଚାରା ବାଣ୍ଟିଲା ବନ ବିଭାଗ

ଢେଙ୍କିକୋଟ, ୨।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଢେଙ୍କିକୋଟ ଫରେଷ୍ଟ କାର୍ଯ୍ୟାଳୟ ତରଫରୁ ଶନିବାର ସୁଲଭ ମୂଲ୍ୟରେ (ଏକ ଟଙ୍କାରେ ) ମୂଲ୍ୟବାନ ଚାରା ବାଣ୍ଟିଛନ୍ତି। ଏହି ଚାରା ବଣ୍ଟନ କାର୍ଯ୍ୟକ୍ରମ ଏକ ମାସ ପର୍ଯ୍ୟନ୍ତ ଜାରି ରହିବ ବୋଲି ଫରେଷ୍ଟର ରାମଚନ୍ଦ୍ର ନାଏକ କହିଛନ୍ତି। ଚଳିତ ବର୍ଷ କେନ୍ଦୁଝର ବନଖଣ୍ଡ ଘଟଗାଁ ବନାଞ୍ଚଳ ଢେଙ୍କିକୋଟ ଫରେଷ୍ଟ ଷ୍ଟେଶନର ଏହା ପ୍ରଥମ ଚାରା ବଣ୍ଟନ କାର୍ଯ୍ୟକ୍ରମ ବୋଲି କହିଛନ୍ତି। ଫରେଷ୍ଟର ରାମଚନ୍ଦ୍ର ନାଏକ ଢେଙ୍କିକୋଟ ବଜାର ମଧ୍ୟରେ ଏକ ଚାରା ବିକ୍ରି କେନ୍ଦ୍ରକୁ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରିଥିଲେ। ଏହାକୁ ଫିତା କାଟି ଢେଙ୍କିକୋଟ ସରପଞ୍ଚ ଖଇର ନାଏକ ଉଦ୍ଘାଟନ କରିଛନ୍ତି। ନାଏବ ସରପଞ୍ଚ ଗଣେଶର ନାଏକ ଫରେଷ୍ଟଗାର୍ଡ ଯୋଗେଶ୍ୱର ମାଝୀ ଓ ଢେଙ୍କିକୋଟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସ୍ୱାଗତ ଜଣାଇ ବନ ବିଭାଗକୁ ପ୍ରଶଂସା କରିଛନ୍ତି। ଫରେଷ୍ଟର କହିଛନ୍ତି କି କୌଣସି ସରକାରୀ ଅନୁଷ୍ଠାନରେ ଗଛ ଲଗାଇବା ପାଇଁ ଚାହିଁଲେ ଯେତେ ଲଗାଇବେ ତାହା ସମ୍ପୂର୍ଣ୍ଣ ମାଗଣାରେ ବିଭିନ୍ନ ଗଛର ଚାରା ଯୋଗାଇ ଦିଆଯିବାର ସୁବିଧା ରହିଛି।

# ଅବକାରୀ ଚଢ଼ାଉ, ୨ ଗିରଫ

ବଇଣ୍ଡା, ୨।୭(ଡି.ଏନ.ଏ.)

କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ଅବକାରୀ ବିଭାଗ ଚଢ଼ାଉ କରି ଚୋରା ଦେଶୀ ମହୁଲି ମଦ ଜବତ କରିଛି। ଏହି ଘଟଣାରେ ନୁନୁକାପଶିର ବୈଷ୍ଣବସାହିର ଅଜୟ କୁମାର ପ୍ରଧାନ ଏବଂ ଶରଧାମୁଣ୍ଡା ଗ୍ରାମର ଭିକାରୀ ନାୟକଙ୍କୁ ଗିରଫ କରାଯାଇଛି। ସେମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ସୂଚନା ପାଇ ବଇଣ୍ଡା ଅବକାରୀ ବିଭାଗର ଅଧିକାରୀ ବଲବୀର ଗଡ଼ନାୟକଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀ ଚଢ଼ାଉ କରିଥିଲେ।

# ବର୍ଷା ପୂର୍ବରୁ ବିଭିନ୍ନ ନାଳରୁ ଜଳ ନିଷ୍କାସନ ତ୍ୱରାନ୍ୱିତ

ଜଳେଶ୍ୱର, ୨।୭(ଡି.ଏନ.ଏ.)

ବାଲେଶ୍ୱର ଜିଲାର ଜଳେଶ୍ୱର ମ୍ୟୁନିସିପାଲଟି ଅଞ୍ଚଳରେ ଥିବା ବିଭିନ୍ନ ନାଳ ଓ ଖାଳରେ ବର୍ଷାଜଳ ନିଷ୍କାସନ ଲାଗି ନିଆଯାଇଥିବା ପଦକ୍ଷେପ କାର୍ଯ୍ୟକାରୀ ଆରମ୍ଭ ହୋଇଛି । କେତେକ ୱାର୍ଡରେ ଜଳ ନିଷ୍କାସନ ଲାଗି ନାଳ ଖୋଳା ହୋଇଥିବା ବେଳେ ବହୁ ସ୍ଥାନରେ ଦଳ ଭର୍ତ୍ତି ହୋଇ ଜଳ ନିଷ୍କାସନ ହୋଇପାରୁନାହିଁ। ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଏସବୁ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି । ୱାର୍ଡ ନଂ ୪, ୫, ୧୧ ଓ ୧୩ ରେ ଥିବା ମହାନାଳକୁ ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ଦିର୍ଘଦିନ ଧରି ସଫେଇ କରିବା ଫଳରେ ପ୍ରାୟ ୧୮୦୦ ମିଟର ଖାଲ ପରିଷ୍କାର ହୋଇଛି । ସେହିପରି ୱାର୍ଡ ନଂ ୮, ୯ ଓ ୬ରେ ୯୫୦ ମିଟର ନାଳ ପୁନଃରୁଦ୍ଧାର କାର୍ଯ୍ୟ ଶେଷ ହେବା ପର୍ଯ୍ୟାୟରେ ପହଞ୍ଚିଥିବା ପୌର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଏଥିରେ କେତେକ ଘରୋଇ ଜମି ଥିବାରୁ ଭବିଷ୍ୟତରେ ତାହା ଅଧିଗ୍ରହଣ ହେବା ସଂପର୍କରେ ସେ ସୂଚନା ଦେଇଛନ୍ତି । ଦୀର୍ଘ ୫୦ବର୍ଷ ଧରି ରହିଥିବା ସମସ୍ୟା ଦୂର ଲାଗି ପୌରପରିଷଦର ଏପରି ସିଦ୍ଧାନ୍ତକୁ ସାଧାରଣରେ ପ୍ରଶଂସା କରାଯାଇଛି। ସେହିପରି ସମସ୍ତ ଗଳିକନ୍ଦିରେ ଲାଇଟ୍ ଜଳିବା, ସ୍ମାଟ ଶବ ସଂସ୍କାର ଗୃହ , ସ୍ମାଟ ପାର୍କର, ସହରର ପ୍ରବେଶ ପଥରେ ସ୍ୱାଗତ ତୋରଣ, ଭେଣ୍ଡିଜୋନ କାର୍ଯ୍ୟ ଇତ୍ୟାଦି ହାତକୁ ନିଆଯାଉଥିବା ସଂପର୍କରେ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ।


FORM NO. 13
**BEFORE THE DEBTS RECOVERY TRIBUNAL: CUTTACK: ODISHA**
**C-71, SECTOR-7, CDA, CUTTACK, ODISHA**
**O.A. NO. 250 / 2022**

**AXIS BANK LIMITED** ...APPLICANT
-Vrs.-
**The Puri District Co-operative Milk Producers Union Ltd. & others** ...DEFENDANTS

To,
1. **The Puri District Co-operative Milk Producers Union Ltd.,** Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
2. **Dr. Sanjay Kumar Sahoo,** The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
3. **Mr. Susil Kumar Panda,** The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
4. **Tapas Kumar Das,** The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
5. **Sj. Aswini Kumar Pati** (President Dandamakundapur Dcs-cum-Pumul), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
6. **Dr. J.K. Pattanaik** (Dy. General Manager (P&I) (Omfed), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
7. **Dr. Manas Ranjan Mohapatra** (Chief District Veterinary, Officer, Khordha), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
8. **Mrs. Bijayalaxmi Mishra** (President Satasankha Dcs Cum-Vice President, Pumul), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
9. **Mr. Krushna Mohan Jena** (Bhingarapur Dcs), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
10. **Mrs. Kabita Das** (Mahadevbasta Dcs), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
11. **Mr. Kedarnath Pradhan** (Nadhana Dcs), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
12. **Ms. Gitanjali Behera** (Pariapatapur Wdcs), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
13. **Mrs. Nandini Behera** (Ganganarayanpur Wdcs), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
14. **Mr. Bharat Chandra Bhoi** (Villideuli Dcs), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
15. **Mrs. Manoranjan Sahoo** (Erabanga Wdcs), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
16. **Mrs. Pravasini Behera** (Ganeswarpur Wdcs), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
17. **Mr. Tofan Mallik** (Pipili Dcs), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
18. **Mr. Rabindra Sahoo** (Lankeswari Dcs, Balanga), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
19. **Mr. Nityananda Patra** (Gadaitapokhari Dcs), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
20. **Mr. Sukanta Kumar Jena** (Mahalaxmi Dcs, Gadachandapur), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
21. **Mr. Rabindra Swain,** Champeswar Dcs, Khamanga, The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
22. **Dr. S.K. Sahu** (General Manager Cum-Member Secretary), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007 ...DEFENDANTS

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 250/2022** in the Court of the Debts of Recovery Tribunal at Cuttack for recovery of **Rs.1,18,61,743.52 (Rupees One Crore Eighteen Lakhs Sixty One Thousand Seven Hundred Forty Three and Fifty Two Paisa)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the publication or on **26.07.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **7th day of June, 2022.**

Sd/- (M.K. Patnaik)
REGISTRAR

Date: 07.06.2022



**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ୍ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ ।

| ପୁରୀ ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶି ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ସୂର୍ଯ୍ୟକାନ୍ତ ଦାଶ, ପିତା: ଦୁର୍ଗା ଚରଣ ଦାଶ, ୨) ଶ୍ରୀମତୀ ସବିତା ଦାଶ, ସ୍ୱାମୀ: ଶ୍ରୀ ସୂର୍ଯ୍ୟକାନ୍ତ ଦାଶ, ଉଭୟଙ୍କ ଠିକଣା- ସା/ପୋ.: ଗୋପିନାଥପୁର, ନୂଆସାହି, ପୁରୀ-୭୫୨୦୦୧ | ୩୧.୦୧.୨୦୨୨ ସୁଦ୍ଧା ଟ.୪,୩୧,୫୯୦.୨୦+ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧୦.୦୩.୨୦୨୨ / ୨୮.୦୬.୨୦୨୨ | ଶ୍ରୀ ସୂର୍ଯ୍ୟକାନ୍ତ ଦାଶଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା : ଗୋପିନାଥପୁର ଓରଫ୍ ରାଉତରାପୁର, ଥାନା: ପୁରୀ, ତହସିଲ/ଜିଲ୍ଲା: ପୁରୀ, ଖାତା ନଂ.: ୧୬୫/୭୦୨, ପ୍ଲଟ୍ ନଂ.: ୩୮୦/୧୪୪୩, କ୍ଷେତ୍ର: ଏକର ୦.୦୨.୫ ଡ଼ିସିମିଲ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅର୍ଜୁନ ମଲ୍ଲିକ, ଦକ୍ଷିଣ: ଲୋକନାଥ ମହାପାତ୍ର, ପୂର୍ବ: ଅହଲ୍ୟା ଦେଇ, ପଶ୍ଚିମ: ରାସ୍ତା |

ସ୍ଥାନ: ଭୁବନେଶ୍ୱର
ତାରିଖ : ୦୨.୦୭.୨୦୨୨

କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

## ସଂକ୍ଷେପରେ

### ମେଡିକାଲରେ ସଫେଇ

**ପରଜଙ୍ଗ, ୨।୭ (ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଘାଗରାମୁଣ୍ଡା ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପୁଣ୍ୟତିଥି ଉପଲକ୍ଷେ ଆୟୋଜିତ ସେବା ସପ୍ତାହ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀଙ୍କ ତତ୍ତ୍ୱାବଧାନରେ ମେଡିକାଲ ଭିତର ଏବଂ ବାହାରେ ସଫେଇ କରାଯାଇଥିଲା। ଉପସଭାପତି ଦୀପେଶ ପଣ୍ଡା, ନବକିଶୋର ସାହୁ, ସାଧାରଣ ସମ୍ପାଦକ ଟୁକୁନ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ସୁବାସ ପଧାନ, କୋଷାଧ୍ୟକ୍ଷ ଅରବିନ୍ଦ ପାଳ, କାର୍ଯ୍ୟକାରୀ କମିଟି ସଦସ୍ୟ କ୍ଷୀରୋଦ ଦେହୁରୀ, ଟଙ୍କଧର ନାଏକ, ଦୀପକ ସାହୁ, ବିରଞ୍ଚି ସାହୁ, ରଞ୍ଜିତ ସାହୁ, ଚଗଲା ଦେହୁରୀ, ଶଙ୍କର୍ଷଣ ନାଏକ, ଦୀପ୍ତିରଞ୍ଜନ ସାହୁ, ଜିତେନ୍ଦ୍ର ପାଣି ପ୍ରମୁଖ ଉପସ୍ଥିତ ଥିଲେ।

### ଅବସରକାଳୀନ ସମ୍ବର୍ଦ୍ଧନା

**ଢେଙ୍କାନାଳ ଅଫିସ, ୨।୭:** ଢେଙ୍କାନାଳ ବାଇପାସ୍ କୁଟୁଣିଆ ପାହାଡ଼ ପାଦଦେଶରେ ଅବସ୍ଥିତ 'ନନ୍ଦିନୀ ଦେବୀ ଦୃଷ୍ଟିହୀନ ଓ ବଧିର ବିଦ୍ୟାଳୟ'ର କଳା ଶିକ୍ଷକ ଅଭୟ କୁମାର ସାହୁଙ୍କୁ ଅବସର ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶୁଭେନ୍ଦୁ କୁମାର ଖୁଣ୍ଟିଆ ଯୋଗଦେଇ ତାଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ପରିଚାଳନା କମିଟି ସଭାପତି ପ୍ରଦ୍ୟୁମ୍ନ ରଥ ଅଧକ୍ଷତା କରି ବିଦାୟୀ ଶିକ୍ଷକଙ୍କ ପ୍ରତିଭା, ଅବଦାନ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ଦିବାକର ସାହୁ, ସହକାରୀ ଶିକ୍ଷକ ଶରତ ନାଥ, ବଳରାମ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦାୟୀ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

### ପଥପ୍ରାନ୍ତ ନାଟକରେ ଶିକ୍ଷା ସଚେତନତା

**ଢେଙ୍କାନାଳ ଅଫିସ, ୨।୭:** ପିଲାମାନଙ୍କ ମନରେ ଶିକ୍ଷା ପ୍ରତି ସଚେତନତା ସୃଷ୍ଟି ଏବଂ ଅଭିଭାବକଙ୍କୁ ଏ ଦିଗରେ ଉତ୍ସାହିତ କରାଇବା ଉଦ୍ଦେଶ୍ୟରେ ଭାରତୀୟ ନ୍ୟାୟ ମନ୍ତ୍ରଣାଳୟ ଏବଂ ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଢେଙ୍କାନାଳ ଜିଲାରେ ପଥପ୍ରାନ୍ତ ନାଟକ ଅନୁଷ୍ଠିତ ହୋଇଯାଇଛି। ଜିଲାର ୧୨ ଗ୍ରାମରେ କଳାକାରମାନଙ୍କ ଦ୍ୱାରା ବାଧ୍ୟତାମୂଳକ ଶିକ୍ଷା ଅଧିକାର, ଗୁଣାତ୍ମକ ଶିକ୍ଷା, ଶିକ୍ଷାଭିତ୍ତିକ ବିଭିନ୍ନ ଯୋଜନା ବିଷୟରେ ନାଟକ ମାଧ୍ୟମରେ ସଚେତନ କରାଯାଇଥିଲା। ସ୍ଥାନୀୟ ଜନପ୍ରତିନିଧି ଏବଂ ଶିକ୍ଷା ବିଭାଗ ଅଧିକାରୀମାନେ ଉପସ୍ଥିତ ଥିଲେ। 'ଦିଶା' ଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଜୁନ୍ ୨୭ରୁ ଆରମ୍ଭ ହୋଇ ଜୁନ୍ ୩୦ରେ ଉଦ୍‌ଯାପିତ ହୋଇଛି। ଭୁବନେଶ୍ୱରସ୍ଥିତ ଆଡ୍‌ଭାଟାଇଜିଂ ଆଣ୍ଡ୍ କମ୍ୟୁନିକେଶନ ଲିମିଟେଡ୍ ଏହାର ନେତୃତ୍ୱ ନେଇଥିଲା।

### ପୁଣ୍ୟତିଥିରେ ମନେପଡ଼ିଲେ ଗୋପବନ୍ଧୁ

**କାମାକ୍ଷାନଗର, ୨।୭ (ଡି.ଏନ୍.ଏ.):** କାମାକ୍ଷାନଗରସ୍ଥିତ ବାପୁମନ୍ଦିର ନ୍ୟାସ ଓ ପୂଜ୍ୟପୂଜା ସଙ୍ଗଠନ ପକ୍ଷରୁ ସ୍ଥାନୀୟ ଗାନ୍ଧୀ ମନ୍ଦିରରେ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ୯୪ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ସଙ୍ଗଠନର ସଭାପତି ତଥା ଅବସରପ୍ରାପ୍ତ କଲେଜ ଅଧକ୍ଷ ପ୍ରଫେସର ଅରବିନ୍ଦକାନ୍ତ ରାୟଙ୍କ ଅଧକ୍ଷତାରେ ଗୋପବନ୍ଧୁଙ୍କ ଫୋଟୋଚିତ୍ରରେ ମଲ୍ୟାର୍ପଣ କରାଯାଇଥିଲା। ସମ୍ପାଦକ ମାୟାଧର ପାଣି, କୋଷାଧକ୍ଷ ଶ୍ରୀରାମ ରାଉତ ଗୋପବନ୍ଧୁଙ୍କ ଦେଶପ୍ରେମ, ତାଙ୍କର କାଳଜୟୀ ଲେଖାର ସ୍ମୃତିଚାରଣ କରିଥିଲେ। ଶିକ୍ଷାବିତ ପଣ୍ଡିତ ଦିବାକର ନନ୍ଦ ଗୋପବନ୍ଧୁଙ୍କ ଓଡ଼ିଶା ପ୍ରତି ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଆଜୀବନ ସଦସ୍ୟ ବୀରବର ପ୍ରଧାନ ଗଜେନ୍ଦ୍ର ନାୟକ, ହିମାଂଶୁ ମହାନ୍ତି, ଶ୍ୟାମଘନ ସାହୁ, ଶ୍ରୀବତ୍ସ ବେହେରା, ନିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ଏଭଳି ମହାନ ଯୋଗଜନ୍ମା ବିରଳ ବୋଲି ମତବ୍ୟକ୍ତ କରିଥିଲେ। ସେବା ଏବଂ ତ୍ୟାଗର କଥା ଯେବେ ଉଠିବ, ସେତେବେଳ ଗୋପବନ୍ଧୁ ସବୁବେଳେ ପ୍ରଥମେ ମନେପଡ଼ିବେ ବୋଲି ମତପ୍ରକାଶ ପାଇଥିଲା।

# ବୃକ୍ଷରାଜିରେ ଭରିବ ବୁଦୁବୁଦିଆ ଜଙ୍ଗଲ

(ବିପିନ ବିହାରୀ ସେଠୀ)
ଭୁବନ, ୨।୭(ଡି.ଏନ୍.ଏ.)



- ଭୁବନ ବନାଞ୍ଚଳରେ ଲାଗିବ ଲକ୍ଷେ ଚାରା
- ବାହାଲ, ଜିରାଳ, ଟାଙ୍ଗରପଡ଼ାରେ ୩ ନର୍ସରି
- ବନୀକରଣରେ ନିୟୋଜିତ ହେବେ ଏସ୍‌ଏଚ୍‌ଜି

କାୟା ମେଲାଉଛି କଂକ୍ରିଟ୍ ଜଙ୍ଗଲ। ଉଜୁଡ଼ୁଛି ସବୁଜିମା। ଘନ ସଂରକ୍ଷିତ ଜଙ୍ଗଲ ପତଳା ହେଲାଣି। ସବୁଜବନାନୀ ଏବେ ଶ୍ରୀହୀନ। ବୃକ୍ଷହୀନ ଲଣ୍ଡା ପାହାଡ଼ ସୀମିତ ହୋଇଗଲାଣି ଲଟାବୁଦାରେ। ପାହାଡ଼ ତଳି ଅଞ୍ଚଳରେ ଅବାଧ ଗଛକଟା ଜୈବ ବିବିଧତାକୁ ବିପନ୍ନ କରୁଥିବାବେଳେ ବର୍ଷାଦିନିଆ ବନୀକରଣ ମାଧ୍ୟମରେ ଏହାର ଭରଣା କରିବା ଲାଗି ଆରମ୍ଭ ହୋଇଛି ପ୍ରୟାସ। ତଦନୁଯାୟୀ ଢେଙ୍କାନାଳ ଜିଲାର ଅନ୍ୟତମ ବୃହତ୍ ଭୁବନ ବନାଞ୍ଚଳରେ ଚଳିତବର୍ଷ ୧ ଲକ୍ଷରୁ ଊର୍ଦ୍ଧ୍ୱ ଚାରା ଲଗାଇବାକୁ କରାଯାଇଛି ଯୋଜନା। ଏଥିଲାଗି ୩ଟି ନର୍ସରିରେ ଚାରା ପଡ଼ିଥିବାବେଳେ ପ୍ରଥମ ଥର ପାଇଁ ଚାରାରୋପଣରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ନିୟୋଜିତ କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

ଭୁବନ ବନ ବିଭାଗ ଅଧୀନରେ ରହିଛି ୪୨୦୫.୬୫ ହେକ୍ଟର ପରିସୀମା ବିଶିଷ୍ଟ ୬ ସଂରକ୍ଷିତ ଜଙ୍ଗଲ। ତନ୍ମଧ୍ୟରୁ ବାଲିବୋ ରିଜର୍ଭ ଫରେଷ୍ଟ ୬୫୯.୦୭ ହେକ୍ଟର, ଭୁବନ ୪୫୭.୦୩ ହେକ୍ଟର, ଧଳପଡ଼ା ୩୭୨.୦୩ ହେକ୍ଟର, ଟିପିଲେଇ ୯୪୭ ହେକ୍ଟର, ଭୈରୀପୁର ୪୯୦.୦୫ ହେକ୍ଟର ଏବଂ ସୁନାଝରି ସଂରକ୍ଷିତ ଜଙ୍ଗଲ ୧୨୭୮.୮୫ ହେକ୍ଟରରେ ପରିବ୍ୟାପ୍ତ। ଏସବୁ ରିଜର୍ଭ ଫରେଷ୍ଟ ସମେତ, ବ୍ରାହ୍ମଣୀ ନଦୀ ଅବବାହିକା, ଭୁବନ ଏନ୍‌ଏସିର ବିଭିନ୍ନ ଶିକ୍ଷାନୁଷ୍ଠାନ, ଖାଲି ପଡ଼ିଥିବା ସରକାରୀ ଜମି, ରାସ୍ତାପାର୍ଶ୍ୱ ଏବଂ ଉଜୁଡ଼ା ଜଙ୍ଗଲରେ ବନୀକରଣ କରାଯାଇ ସବୁଜ ବଳୟ ସୃଷ୍ଟି କରାଯିବାକୁ ଯୋଜନା କରାଯାଇଛି। ବନ ବିଭାଗ ସୂଚନା ଅନୁଯାୟୀ, ଭୁବନ ସଂରକ୍ଷିତ ଜଙ୍ଗଲରେ ୪୦ ହଜାର, ଧଳପଡା ସଂରକ୍ଷିତ ଜଙ୍ଗଲରେ ୩୦ ହଜାର, ସୁନାଝରି ସଂରକ୍ଷିତ ଜଙ୍ଗଲରେ ୨୦ ହଜାର, ଭୈରୀପୁର ସଂରକ୍ଷିତ ଜଙ୍ଗଲରେ ୭୬୫୬, ଭର୍ତ୍ତି ପାହାଡ଼ରେ ୨୪୦୦, ଜୈବ ବିବିଧତାପୂର୍ଣ୍ଣ ବ୍ରାହ୍ମଣୀ ନଦୀ ଅବବାହିକାରେ ୧୦ ହଜାର ଚାରା ଲଗାଯିବ। ଶିଶୁ, ଅସନ, କରଞ୍ଜ, ବାହାଡ଼ା, ଅର୍ଜୁନ, ପିଆଶାଳ, ଶିରିସା, ଖଇର, କଇଥ, କରଞ୍ଜ, ପାଟୋଳି, ବଉଳ, ଫାଶି, ତେନ୍ତୁଳି ଭଳି ମୂଲ୍ୟବାନ ଚାରା ସଂରକ୍ଷିତ ଜଙ୍ଗଲରେ ଲାଗିବ। ସେହିପରି ଜାମୁ, ଆମ୍ବ, ପଣସ ଭଳି ଫଳ ଗଛ ମଧ୍ୟ ଲଗାଯିବ। ଏଥିଲାଗି ବାହାଲ, ଜିରାଳ ଏବଂ ଟାଙ୍ଗରପଡ଼ାସ୍ଥିତ ବନ ବିଭାଗ ନର୍ସରିରେ ଚାରା ପ୍ରସ୍ତୁତ କରାଯାଇଛି। ଯେପରି ଚାରା ସୁସ୍ଥ ସବଳ ହେବ, ସେଥିଲାଗି ବନ କର୍ମଚାରୀମାନେ ଉଦ୍ୟମ କରୁଛନ୍ତି। ପୂର୍ବ ବର୍ଷଗୁଡ଼ିକରେ ଚାରା ରୋପଣ ଏବଂ ଏହାର ରକ୍ଷଣାବେକ୍ଷଣ କାର୍ଯ୍ୟରେ ଶ୍ରମିକଙ୍କୁ ନିୟୋଜିତ କରାଯାଉଥିଲା। କିନ୍ତୁ ଚଳିତ ବର୍ଷ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯିବ।

ଏ ସଂକ୍ରାନ୍ତରେ ରେଞ୍ଜର ଅନିତା ସେଠୀ କୁହନ୍ତି, ଚାରା ଲଗାଇବା ଅପେକ୍ଷା ଗଛକୁ ବଞ୍ଚାଇରଖିବା କଷ୍ଟକର କାର୍ଯ୍ୟ। ଏଥିଲାଗି ନିୟମିତ ପର୍ଯ୍ୟବେକ୍ଷଣର ଆବଶ୍ୟକତା ରହିଛି। ଯେପରି ବନୀକରଣ କାର୍ଯ୍ୟ ସଫଳ ହେବ ସେ ଦିଗରେ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉଛି। ବୁଦୁବୁଦିଆ ଜଙ୍ଗଲକୁ ଘଞ୍ଚ ଜଙ୍ଗଲରେ ରୂପାନ୍ତରିତ କରିବାକୁ ଯୋଜନା ରହିଛି। ଜନସାଧାରଣଙ୍କ ସହଯୋଗ ମିଳିଲେ ପରିଶ୍ରମର ମୂଲ୍ୟ ମିଳିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି।

**ଜୀବଜଗତର ସୁରକ୍ଷା କବଚ ଗଛ**



"ଜୀବଜଗତର ସୁରକ୍ଷା କବଚ ହେଉଛି ଗଛ। ଏବେ ଜଙ୍ଗଲ ସମ୍ପଦ ହ୍ରାସ କାରଣରୁ ପରିବେଶ ଉପରେ ଏହାର କୁପ୍ରଭାବ ପଡୁଛି। ପ୍ରଦୂଷଣ ସହ ଦୁରାରୋଗ୍ୟ ବ୍ୟାଧି ବଢ଼ିବାରେ ଲାଗିଛି। ଏଥିପ୍ରତି ସଚେତନ ହେବାର ବେଳ ଆସିଛି। ସ୍ୱାସ୍ଥ୍ୟ ବିଭାଗରେ ଚାକିରି କରିଥିଲେ ମଧ ଚାରା ଲଗାଇବା ଏବଂ ଯତ୍ନନେବା ପିଲାଦିନୁ ସଉକ ରହିଛି। 'ଗୋଟିଏ ଲୋକ, ଗୋଟିଏ ଗଛ' ନିୟମକୁ ସମସ୍ତେ ପାଳନ କରିବା ଜରୁରୀ।

-ଅଚ୍ୟୁତ ମଲ୍ଲିକ, ପରିବେଶପ୍ରେମୀ

**ଅଞ୍ଚଳବାସୀ ବୃକ୍ଷପ୍ରେମୀ**



"ଭୁବନ ଅଞ୍ଚଳବାସୀ ବୃକ୍ଷପ୍ରେମୀ। ଅଧିକାଂଶ ଲୋକେ ନିଜ ଜମିରେ ଫୁଲ, ଫଳ ସାଙ୍ଗକୁ ସୌଖୀନ ପ୍ରଜାତିର ଗଛ ଲଗାଇଥାଆନ୍ତି। ବୃକ୍ଷ ହେଉଛି ଆମ ସମସ୍ତଙ୍କ ଜୀବନ। ତେବେ ଦିନକୁ ଦିନ ମନୁଷ୍ୟକୃତ କାରଣରୁ ଜଙ୍ଗଲ ପଦା ହେବାରେ ଲାଗିଛି। ବନ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଏଥିପ୍ରତି ସଚେତନ ହେବା ଜରୁରୀ। ପ୍ରତିବ୍ୟକ୍ତି ବନୀକରଣରେ ସାମିଲ ହେଲେ ସମସ୍ୟାର ସଫଳ ସମାଧାନ ହୋଇପାରିବ।

-ସୁରେନ୍ଦ୍ର କୁମାର ସେନାପତି, ପରିବେଶବିତ୍

### ରଥକାଠ ସମସ୍ୟା ଦୂର କରିବ ଫାଁସି ଗଛ

ଜଙ୍ଗଲ ସମ୍ପଦରେ ସମୃଦ୍ଧ ଶିଳ୍ପ ଜିଲା ଢେଙ୍କାନାଳ। ହେଲେ ଚଳିତ ବର୍ଷ ପ୍ରଥମ ଥର ପାଇଁ ଐତିହାସିକ ଢେଙ୍କାନାଳ ରଥଯାତ୍ରା ଲାଗି ରଥକାଠର ଅଭାବ ପରିଲକ୍ଷିତ ହୋଇଛି। ଏପରି କି ପରମ୍ପରା ମଧ୍ୟ ଭଙ୍ଗ ହୋଇଛି। ଏହାକୁ ନେଇ ସମାଲୋଚନାର ଶିକାର ହୋଇଛି ଜିଲା ପ୍ରଶାସନ, ଦେବୋତ୍ତର ବିଭାଗ ଏବଂ ବନ ବିଭାଗ। କେବଳ ଢେଙ୍କାନାଳ ନୁହେଁ, ଦେଓଗାଁ ଏବଂ ଭୁବନରେ ହେଉଥିବା ରଥଯାତ୍ରା ପାଇଁ ଆଗାମୀ ଦିନରେ ରଥକାଠ ଯେ ଅଭାବ ନ ହେବ, ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ। ଏହାର ପ୍ରତିକାର ଲାଗି ଭୁବନ ବନ ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଛି। ରଥ ନିର୍ମାଣରେ ମୁଖ୍ୟତଃ ଫାସି କାଠ ବ୍ୟବହାର କରାଯାଇଥାଏ। ଏହାକୁ ଦୃଷ୍ଟିରେ ରଖି ଚଳିତବର୍ଷ ବହୁସଂଖ୍ୟାରେ ଫାସି ଚାରା ପ୍ରସ୍ତୁତ କରାଯାଇଥିବା ରେଞ୍ଜର ସୂଚନା ଦେଇଛନ୍ତି।

### ଆଧୁନିକ ଶିକ୍ଷାର ପ୍ରବର୍ତ୍ତକ ଥିଲେ ଉତ୍କଳମଣି

ଢେଙ୍କାନାଳ ଅଫିସ, ୨।୭

ଢେଙ୍କାନାଳରେ ବୁଧବାର ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ୯୪ତମ ପୁଣ୍ୟତିଥି ପାଳିତ ହୋଇଯାଇଛି। ଗୋପବନ୍ଧୁ ଟାଉନ୍‌ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ସରୋଜ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି କହିଲେ, ଉତ୍କଳମଣି ଥିଲେ ଆଧୁନିକ ଶିକ୍ଷାର ପ୍ରବର୍ତ୍ତକ। ତାଙ୍କର ବହୁମୁଖୀ ପ୍ରତିଭା, ସେବା ଓ ତ୍ୟାଗ ସମସ୍ତଙ୍କ ପାଇଁ ଆଦର୍ଶ ହୋଇ ରହିଛି। ଏହି ଉପଲକ୍ଷେ ସ୍ଥାନିୟ ଭାଗିରଥୀ ସାଗରଠାରେ ପୂର୍ବାହ୍ନ ୮ଟାରେ ତିଳତର୍ପଣ କରାଯାଇଥିଲା। ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ସାହିତ୍ୟ ଏକାଡେମୀ ସଦସ୍ୟ ଡ. ପୁଷ୍ପଲତା ରଥ, ରାଜ୍ୟ କଳା ସଂସ୍କୃତି ସଂଘ ଉପସଭାପତି ଅବନୀ ମିଶ୍ର, ଦୀପକ ପ୍ରସାଦ ପଟ୍ଟନାୟକ, ଭରତ ଦାସ, ପଙ୍କଜ ନାୟକ, ପ୍ରକାଶ ମିଶ୍ର, ସରୋଜ ଶତପଥୀ, ରାଜକିଶୋର ବେହେରା, ସୁକାନ୍ତ ମିଶ୍ର, ଅଥୟ ସାହୁ, ସୌମ୍ୟବ୍ରତ ସାହୁ, ଡ. ପ୍ରମୋଦ ନାୟକ, ଉପେନ୍ଦ୍ର ନାୟକ, ମନୋହର ଶତପଥୀ, ଲଳିତ ଯାଦବ, ଗୁପ୍ତେଶ୍ୱର ମିଶ୍ର, ସୌମେନ୍ଦୁ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଦେବବ୍ରତ ପଟ୍ଟନାୟକ, ଶିଶିର ଶତପଥୀ, ଦୀନେଶ ଦାସ, ଆନନ୍ଦ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି 'ଉଫୁନା' ପକ୍ଷରୁ ରାଜ୍ୟ ଅଧକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ଶିକ୍ଷକ-ଅଭିଭାବକ ସଂଘର ନୂତନ କର୍ମକର୍ତ୍ତା



ଶିକ୍ଷକ-ଅଭିଭାବକ ସଂଘର ନୂତନ କର୍ମକର୍ତ୍ତାମାନେ।

ଢେଙ୍କାନାଳ ଅଫିସ, ୨।୭

ଢେଙ୍କାନାଳ କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଶିକ୍ଷକ-ଅଭିଭାବକ ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଅଧକ୍ଷ ଭାବେ ଅକ୍ଷୟ କୁମାର ମଲ୍ଲିକ, ଉପାଧ୍ୟକ୍ଷ ସୁନୀଲ ଦାଶ, ସମ୍ପାଦକ ଦିଲୀପ ସାହୁ, ସହ ସମ୍ପାଦକ ଭାବେ ସୁରେନ୍ଦ୍ର ମହାପାତ୍ର ଚୟନ ହୋଇଛନ୍ତି। ସେହିପରି ଦେବସ୍ମିତା ଦାସ, ଲକ୍ଷ୍ମୀ ଗିରି, ଶୁଭଶ୍ରୀ ଦାଶଙ୍କୁ ସଦସ୍ୟା ଭାବେ ମନୋନୀତ କରାଯାଇଛି। ବରିଷ୍ଠ ଶିକ୍ଷକ ରତ୍ନାକର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ରବିନାରାୟଣ ସଭାପତି

ଢେଙ୍କାନାଳ ଅଫିସ, ୨।୭

ଢେଙ୍କାନାଳ ସହର ମୀନାବଜାରସ୍ଥିତ ଶ୍ରୀରାଜଲକ୍ଷ୍ମୀ ପୂଜା ପ୍ରତିଷ୍ଠାନର ନୂତନ କର୍ମକର୍ତ୍ତା ନିର୍ବାଚନ ଏବଂ ବାର୍ଷିକ ସାଧାରଣ ସଭା ବିରଞ୍ଚି ନାରାୟଣ ସାହୁଙ୍କ ସଭାପତିତ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୨୦୨୨-୨୩ ବର୍ଷ ପାଇଁ କମିଟି ସଭାପତି ଭାବେ ରବିନାରାୟଣ ମହାନ୍ତି ଏବଂ ସମ୍ପାଦକ ଭାବେ ପୀତବାସ ସାହୁଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ସେହିପରି କାର୍ଯ୍ୟକାରୀ ସଭାପତି ନୀରୋଦ ସାହୁ, ଉପସଭାପତି ଉଦୟନାଥ ବେହେରା, ବୀରବର ସାହୁ, ସଦାନନ୍ଦ ସାହୁ, ପ୍ରଫୁଲ୍ଲ ସାହୁ, ଓକିଲ୍ ବେଗ୍, ଲୋକନାଥ ମହାପାତ୍ର, ସାଇପ୍ରସାଦ ଦଳେଇ, ଜିତେନ୍ଦ୍ର ମହାପାତ୍ର, ରିଆଜ୍ ଅଲ୍ଲୀ, ଛବିନାରାୟଣ ରାଉତ, ସହସମ୍ପାଦକ ଅନିଲ୍ ମହାପାତ୍ର, ପ୍ରଭାତ ଦଳେଇ, ପବିତ୍ର ସାହୁ, ସୌମ୍ୟରଞ୍ଜନ ମହାନ୍ତି, ଇମ୍‌ତିଆଜ୍ ଅଲ୍ଲୀ, ଦିଲୀପ ସାହୁ, ଲକ୍ଷ୍ମୀଧର ସାହୁ, ପ୍ରକାଶ ମହାନ୍ତି, ଚନ୍ଦନ ପାତ୍ର ପ୍ରମୁଖ ଚୟନ ହୋଇଛନ୍ତି। କୋଷାଧ୍ୟକ୍ଷ ଭାବେ ଦୟାନିଧି ବେହେରା, ସହ କୋଷାଧ୍ୟକ୍ଷ ଶ୍ରୀକାନ୍ତ ମହାପାତ୍ର, ସଂଯୋଜକ ବେଣୁଧର ସାହୁ, ଉପଦେଷ୍ଟା ରବିନାରାୟଣ ପଟ୍ଟନାୟକ, ବିଜୟ ଶଙ୍କର ସାହୁ, ସୂର୍ଯ୍ୟ ଦେବତାଙ୍କୁ ମନୋନୀତ କରାଯାଇଛି। କାର୍ଯ୍ୟକାରିଣୀ ସଭ୍ୟ ଭାବେ ମାନସ ସାହୁ, ମିଥୁନ୍ ସାହୁ, ମିଳା ସାହୁ, ବଦ୍ରିନାରାୟଣ ମହାପାତ୍ର, ଚିନ୍ତାମଣି ସାହୁ, ରାଜେଶ ବେହେରା, ବାବୁଲା ଦୋରା, ରଣଜିତ୍ ସାହୁ ଚୟନ ହୋଇଛନ୍ତି।

## ହତ୍ୟା ଅଭିଯୁକ୍ତ ଶିକ୍ଷକଙ୍କ ବଦଳି ଦାବି

ପରଜଙ୍ଗ, ୨।୭(ଡି.ଏନ୍.ଏ.)



ଗ୍ରାମବାସୀ ପ୍ରଧାନ ଶିକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

- ବୈକୁଣ୍ଠ ସାହୁ ହତ୍ୟାକାଣ୍ଡ ମାମଲା
- ୩ ଅଟକ, ପୋଲିସର ତନାଘନା

ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜୟପୁରାକାଟେଣୀ ଗ୍ରାମରେ ଶୁକ୍ରବାର ୨ ପରିବାର ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ବୈକୁଣ୍ଠ ସାହୁ (୬୫) ନାମକ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ମୃତକଙ୍କ ପୁଅ ପିଣ୍ଟୁ ସାହୁ ଏବଂ ଅପର ଗୋଷ୍ଠୀର ୨ଜଣ ଗୁରୁତର ହୋଇଛନ୍ତି। ବୈକୁଣ୍ଠ ବିଲରେ କାମ କରୁଥିବାବେଳେ ସଂଘବଦ୍ଧ ଭାବେ ଆକ୍ରମଣ କରି ତାଙ୍କୁ ହତ୍ୟା କରାଯାଇଥିଲା। ଏଥିରେ ଗ୍ରାମର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ତଥା ପ୍ରତିପକ୍ଷ ଗୋଷ୍ଠୀର ଅଜୟ ସାହୁ, ତାଙ୍କ ସମ୍ପର୍କୀୟ ସଞ୍ଜୟ ସାହୁ, ନନ୍ଦିନୀ ସାହୁ, ଚିଣ୍ଟୁ ସାହୁ ଏବଂ ସୁରେନ୍ଦ୍ର ସାହୁଙ୍କ ସମ୍ପୃକ୍ତି ରହିଥିବା ମୃତକଙ୍କ ପୁଅ ଆଦିତ୍ୟ ପ୍ରସାଦ ସାହୁ ଥାନାରେ ଏତଲା ଦେଇଛନ୍ତି। ଅଭିଯୁକ୍ତମାନେ ତାଙ୍କ ପରିବାର ନିପାତ କରିଦେବାକୁ ଧମକ ଦେଇଛନ୍ତି। ତେଣୁ ପୋଲିସ ପକ୍ଷରୁ ଆବଶ୍ୟକ ସୁରକ୍ଷା ଯୋଗାଇଦେବାକୁ ସେ ଦାବି କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ୩ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଅନ୍ୟପଟେ ହତ୍ୟାକାଣ୍ଡ ମାମଲାରେ ଶିକ୍ଷକ ଅଜୟଙ୍କ ସମ୍ପୃକ୍ତି ଅଭିଯୋଗ ଆସିବା ପରେ ତାଙ୍କୁ ଅନ୍ୟତ୍ର ବଦଳି କରିବାକୁ ଗ୍ରାମବାସୀ ଏବଂ ଅଭିଭାବକ ଦାବି କରିଛନ୍ତି। ଏହା ନ ହେଲେ ସେମାନେ ପିଲାମାନଙ୍କୁ ସ୍କୁଲଛାଡ଼ିବେ ନାହିଁ ଏବଂ ଫାଟକରେ ତାଲା ପକାଇ ପ୍ରତିବାଦ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସଂକ୍ରାନ୍ତରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଜରିଆରେ ବିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏ ସଂକ୍ରାନ୍ତରେ ଅଭିଯୁକ୍ତ ଶିକ୍ଷକ ଅଜୟଙ୍କ ପ୍ରତିକ୍ରିୟା ନେବାକୁ ତାଙ୍କ ମୋବାଇଲ (ନଂ. ୯୧୭୮୯୨୨୯୦୬ / ୮୨୪୯୨୨୯୩୯୧)ରେ ଯୋଗାଯୋଗ କରାଯାଇଥିଲା। ତେବେ ଗୋଟିଏ ନମ୍ବରରେ ଇନ୍‌କମିଂ କଲ୍ ସୁବିଧା ଉପଲବ୍ଧ ନ ଥିବାବେଳେ ଅନ୍ୟଟି ବନ୍ଦ ଥିଲା। ଅନ୍ୟପଟେ ବିଦ୍ୟାଳୟ ରେଜିଷ୍ଟର ଯାଞ୍ଚ ବେଳେ ସେ ଜୁନ୍ ୩୦ରୁ ୨ ତାରିଖ ଯାଏ ସ୍ୱାସ୍ଥ୍ୟଗତ କାରଣରୁ ଛୁଟିରେ ଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ପରଜଙ୍ଗ ବିଇଓ ହରିହର ଦେହୁରୀଙ୍କୁ ଯୋଗାଯୋଗ କରିବାରେ ସେ କହିଛନ୍ତି, ଯଦି ଅଭିଯୋଗରେ ସତ୍ୟତା ଥିବ ତେବେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଗଡ଼ିଲା ଅନାଥ ବନ୍ଧୁଙ୍କ ରଥ



ଢେଙ୍କାନାଳ ଅଫିସ, ୨।୭

ହଟିଛି କରୋନା କଷଣ। ଭକ୍ତମେଳକୁ ଆସିଛନ୍ତି ମହାବାହୁ। ଆଉ ଦୀର୍ଘ ଦୁଇବର୍ଷ ପରେ ଗଡ଼ିଛି ଅନାଥ ବନ୍ଧୁଙ୍କ କୁନି ରଥ, ଯାହାକୁ ନେଇ ଢେଙ୍କାନାଳ ଜୁବିଲିଟାଉନ କଲୋନୀ ସାହିବାସିନ୍ଦାଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା ବିପୁଳ ଉତ୍ସାହ। ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଧର୍ମପ୍ରାଣ ବ୍ୟକ୍ତି ଅନାଥ ବନ୍ଧୁଙ୍କ ଉଦ୍ୟମରେ ଦୀର୍ଘ ୧୨ ବର୍ଷ ତଳେ ଜୁବିଲି ଟାଉନ୍ ଅଞ୍ଚଳରେ ରଥଯାତ୍ରା ଆରମ୍ଭ ହୋଇଥିଲା। ଅଞ୍ଚଳବାସୀ ସହାୟତାରେ ଏବେ ଏହାର କଳେବର ବଦଳିଛି। ରଥଯାତ୍ରାରେ ବିପୁଳ ଜନସମାଗମ ହୋଇଥିବାବେଳେ ଜୟ ଜଗନ୍ନାଥ ଧ୍ୱନିରେ ଅଂଚଳ ପ୍ରକମ୍ପିତ ହୋଇଉଠିଥିଲା।

## ଶ୍ରଦ୍ଧାଳୁଙ୍କୁ ସରବତ ବଣ୍ଟନ

ଢେଙ୍କାନାଳ ଅଫିସ, ୨।୭

ଢେଙ୍କାନାଳ ରଥଯାତ୍ରାରେ ମହିଳା ବିଜେଡି ଏବଂ ସାମାଜିକ ସଂସ୍କୃତି ବିକାଶ ସଂଘ ଆନୁକୂଲ୍ୟରେ ଲକ୍ଷ୍ମୀବଜାରଠାରେ ସରବତ ବଣ୍ଟନ କରାଯାଇଛି। ବିଧାୟକ ସୁଧୀର କୁମାର ସାମଲ, ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକଙ୍କ ପରାମର୍ଶ କ୍ରମେ ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ସାଇଶ୍ରୀ ପଟ୍ଟନାୟକ, ଜିଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାନେତ୍ରୀ ରୁବି ବିଶ୍ୱାଳ, ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ର, ପୂର୍ବତନ ନଗରପାଳ ଇନ୍ଦ୍ରମଣି ବେହେରା, ଜିଲା ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ବିଧାୟକଙ୍କ ପ୍ରତିନିଧି ଅଜୟ ଭଞ୍ଜ, ଉର୍ବଶୀ ମହାପାତ୍ର, ଶ୍ରଦ୍ଧାଞ୍ଜଳି ସାହୁ, ଶୁଭଲକ୍ଷ୍ମୀ ସାହୁ, ଶୁଭଲକ୍ଷ୍ମୀ ପରିଡ଼ା, ଅନନ୍ୟା ଦାସ, କୁର୍ସିଦା ବେଗମ, ସୋନୁରାମ ସିଂ, ଗଙ୍ଗାଧର ରାଉତ ପ୍ରମୁଖ ସହଯୋଗ କରିଥିଲେ।



ଶ୍ରଦ୍ଧାଳୁଙ୍କୁ ସରବତ ବଣ୍ଟନ କରାଯାଉଛି।

## 'ସାହିତ୍ୟ ହେଉଛି ସୃଜନଶୀଳ ଅଭ୍ୟାସ'

ଢେଙ୍କାନାଳ ଅଫିସ, ୨।୭



ଅତିଥିମାନେ ଜଣେ ପ୍ରତିଭାଙ୍କୁ ସମ୍ମାନିତ କରୁଛନ୍ତି।

**ଛଦେଶ ସାହିତ୍ୟ ସଂସଦର ରୌପ୍ୟ ଜୟନ୍ତୀ**

ସାମାଜିକ ଜୀବନରେ ସାହିତ୍ୟର ଯଥେଷ୍ଟ ଭୂମିକା ରହିଛି। ସାହିତ୍ୟ ଏକ ବିଳାସ କର୍ମ ନୁହେଁ, ବରଂ ସୃଜନଶୀଳ ଅଭ୍ୟାସ। ଏହା ମାଧ୍ୟମରେ କୃଷକ, ଶ୍ରମିକଙ୍କଠାରୁ ଆରମ୍ଭ କରି ରାଜନୀତିଜ୍ଞ, ବୈଜ୍ଞାନିକଙ୍କ ଯାଏ ସମସ୍ତଙ୍କ କର୍ମ ଆହୁରି ନବୀନତମ ଓ ସୃଜନଶୀଳ ହୁଏ ବୋଲି କହିଛନ୍ତି ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ନିର୍ଦ୍ଦେଶକ ଡ. ଧରଣୀଧର ନାଥ। ଢେଙ୍କାନାଳ ସଦର ବ୍ଲକ ଭାପୁର କଲ୍ୟାଣମଣ୍ଡପରେ ଛଦେଶ ସାହିତ୍ୟ ସଂସଦର ରୌପ୍ୟଜୟନ୍ତୀ ଉତ୍ସବ ପାଳନ ସମାରୋହରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ସଂସଦର ସଭାପତି ନୀଳମଣି ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଦିବସରେ ବିଶିଷ୍ଟ ବୈଜ୍ଞାନିକ ପଦ୍ମଶ୍ରୀ ଆଦିତ୍ୟ ପ୍ରସାଦ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଭାପୁର ସରପଞ୍ଚ ଇନ୍ଦୁମତୀ ଭାଟ, ପୂର୍ବତନ ଜିଲା ପରିଷଦ ସଭ୍ୟ ଶରତ ଚନ୍ଦ୍ର ପଣ୍ଡା, ସାମାଜିକକର୍ମୀ ଚିତ୍ତରଞ୍ଜନ ଜେନା ପ୍ରମୁଖ ସାରସ୍ୱତ ଆଲୋଚନା ସଭାରେ ଅତିଥିଭାବେ ଯୋଗଦେଇଥିଲେ। ପ୍ରବଚକ ଡ. ପ୍ରମୋଦ କୁମାର ଦାଶଙ୍କ ସଭାପତିତ୍ୱରେ କବିତା ଆସରକୁ କାଳୀଚରଣ ତ୍ରିପାଠୀ ଏବଂ ପ୍ରଶାନ୍ତ କୁମାର ଧଳ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ଗତିକୃଷ୍ଣ ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଆବାହକ ମନୋଜ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟବକ୍ତା ଭାବେ ପଣ୍ଡିତ ଦିବାକର ନନ୍ଦ, ସମ୍ମାନିତ ବକ୍ତା ଭାବେ ଡ. ଧର୍ମାନନ୍ଦ ପୃଷ୍ଟି, ସମ୍ମାନିତ ଅତିଥି ପ୍ରଫେସର ତାରାପ୍ରସନ୍ନ ଶତପଥୀ, ଦୀପ୍ତୀଶ ପ୍ରସାଦ ପଟ୍ଟନାୟକ ଯୋଗଦେଇ ଛଦେଶ ସାହିତ୍ୟ ସଂସଦର ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ମୁଖପତ୍ର 'ଅନ୍ୱେଷା' ଉନ୍ମୋଚନ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. ପ୍ରମୋଦ କୁମାର ଦାଶ, ଉପସଭାପତି ପ୍ରଫୁଲ୍ଲ ପଣ୍ଡା, ପ୍ରକାଶ ଜଗଦ୍ଦେବ, ଅକାରଣ ସାହୁ, ଯୁଗ୍ମ ସମ୍ପାଦକ ଫକୀର ମୋହନ ସାହୁ, ପାଠାଗାର ସମ୍ପାଦକ ମଧୁସୂଦନ ଶତପଥୀ, ସଙ୍ଗଠନ ସମ୍ପାଦକ ଧନଞ୍ଜୟ ଧଳ, ପ୍ରେମାନନ୍ଦ ବେହେରା, କୋଷାଧ୍ୟକ୍ଷ ସ୍ୱଦେଶ ରଞ୍ଜନ ଧଳ, ସାଂସ୍କୃତିକ ସମ୍ପାଦକ ପ୍ରଶାନ୍ତ ଧଳ, ସହ ସାଂସ୍କୃତିକ ସମ୍ପାଦକ ଧ୍ରୁବଚରଣ ରାଉତ, କାର୍ଯ୍ୟକାରୀ ସଦସ୍ୟ ସୂର୍ଯ୍ୟମଣି ପୃଷ୍ଟି, ସୁଦର୍ଶନ ସେଠୀ, ଅନିରୁଦ୍ଧ ସାହୁ, ବୀରବର ମିଶ୍ର, ଜଗବନ୍ଧୁ ସାହୁ, ବାସୁଦେବ ଧଳ, ନବକିଶୋର ମଲ୍ଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଉଚ୍ଚଶିକ୍ଷା ପାଇଁ ବିଦେଶ ଯିବେ ଡିଆଇଜି



**ଅନୁଗୋଳ ଅଫିସ, ୨।୭:** ବରିଷ୍ଠ ଆଇପିଏସ୍ ଅଫିସର ତଥା ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜି ଡ.ସାର୍ଥକ ଷଡ଼ଙ୍ଗୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିଛନ୍ତି। ସେ ନ୍ୟୁୟର୍କସ୍ଥିତ କଲମ୍ବିଆ ୟୁନିଭରସିଟିରେ ମାଷ୍ଟର ଇନ ପବ୍ଲିକ ଆଡମିନିଷ୍ଟ୍ରେଶନ (ଏମ୍‌ପିଏ) ଶିକ୍ଷା କରିବେ। ପାଠ୍ୟକ୍ରମ ଅବଧି ୧ବର୍ଷ ରହିଥିବାବେଳେ ଏଥିଲାଗି ରାଜ୍ୟ ସରକାର ତାଙ୍କୁ ଅନୁମତି ପ୍ରଦାନ କରିଛନ୍ତି। ଚଳିତ ମାସ ପ୍ରଥମ ସପ୍ତାହରେ ସେ କଲମ୍ବିଆ ଅଭିମୁଖେ ଯାତ୍ରା କରିବେ। ସୂଚନାଯୋଗ୍ୟ, ଡିଆଇଜି ଷଡ଼ଙ୍ଗୀ ଉତ୍ତର କେନ୍ଦ୍ରାଞ୍ଚଳ ଦାୟିତ୍ୱରେ ଥିଲେ। ଏଥିପୂର୍ବରୁ ରାଜ୍ୟ ସରକାରଙ୍କ ଅନୁମତିକ୍ରମେ ତାଙ୍କ ସ୍ତ୍ରୀ ତଥା ଆଇଏଏସ୍ ଅଫିସର ଯାମିନୀ ଷଡ଼ଙ୍ଗୀ ୟୁଏସ୍‌ଏସ୍ଥିତ ପ୍ରିନ୍ସଟନ୍ ୟୁନିଭରସିଟିରେ ମାଷ୍ଟର ଇନ୍ ପବ୍ଲିକ ପଲିସୀ (ଏମ୍‌ପିପି)ରେ ଅଧ୍ୟୟନ କରୁଛନ୍ତି।

### ଡଙ୍ଗାପାଳ ସେବାସମବାୟ ସମିତି ସଭାପତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ଛେଣ୍ଡିପଦା,୨।୭(ସ୍ୱ.ପ୍ର.):** ଛେଣ୍ଡିପଦା ବ୍ଲକ ଡଙ୍ଗାପାଳ ସେବା ସମବାୟ ସମିତିର ସଭାପତି ଭାବେ ସୁଦର୍ଶନ ପ୍ରଧାନ ଓ ଉପସଭାପତି ଭାବେ କୁମା ଆଚାର୍ଯ୍ୟ ଶନିବାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ନିର୍ବାଚନରେ ୧୫ଜଣ ନିର୍ଦ୍ଦେଶକ ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ। ପୂର୍ବରୁ ନିର୍ଦ୍ଦେଶକ ଭାବେ ଅନାଦି ଚରଣ ପ୍ରଧାନ, ଆଶିସ କୁମାର ପ୍ରଧାନ, କାଳନ୍ଦୀ ଚନ୍ଦ୍ର ପ୍ରଧାନ, ସୁଦାମ ପ୍ରଧାନ, ଚୈତନ୍ୟ ସାହୁ, ବଚ ମାଝି, ଅରୁଣ ଦେହୁରୀ, ଜନକ ପ୍ରଧାନ, ସେବକ ସାହୁ, ଅମର ସାହୁ, ରମେଶ ଚନ୍ଦ୍ର ନାଏକ, ସିଲୁ ପ୍ରଧାନ ଓ ପ୍ରଫୁଲ ମାଝି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ।

### ବ୍ୟବସାୟୀଙ୍କ ପରଲୋକ



**ଅନୁଗୋଳ ଅଫିସ,୨।୭:** ଅନୁଗୋଳ ସହରର ପ୍ରତିଷ୍ଠିତ ବ୍ୟବସାୟୀ ସୀତାଂଶୁ ଶେଖର ରାଉତରାୟ(୬୦) ଶନିବାର ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ଅସୁସ୍ଥତା କାରଣରୁ ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଘଟ ହେବା ପରେ ସହରରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା। ମରଶରୀର ଅପରାହ୍ଣରେ ଅନୁଗୋଳରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା। ପରେ ଶେଷକୃତ୍ୟ ପାଇଁ ପୁରୀ ସ୍ୱର୍ଗଦ୍ୱାର ନିଆଯାଇଥିବା ସୂଚନା ମିଳିଛି। ଅନ୍ତିମ ସମୟରେ ସ୍ତ୍ରୀ ତୃପ୍ତି ରାଉତରାୟ, ପୁଅ ଅଭିଷେକ ରାଉତରାୟ ଓ ଝିଅ ପ୍ରିୟଙ୍କା ରାଉତରାୟ ଉପସ୍ଥିତ ଥିଲେ।

### ନାବାଳିକା ଅପହରଣ ଅଭିଯୋଗ

**ଅନୁଗୋଳ ଅଫିସ,୨।୭:** ଅନୁଗୋଳ ସହରର ଶିମିଳିପଡ଼ାରେ ଥିବା ଏକ ଘରୋଇ କଲେଜରୁ ଶୁକ୍ରବାରଠାରୁ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ସ୍କୁଲ ବସ୍ ଦୁର୍ଘଟଣାଗ୍ରସ୍ତ

**ଅନୁଗୋଳ ଅଫିସ, ୨।୭:** ଅନୁଗୋଳ ଜିଲା ୫୫ନଂ. ଜାତୀୟ ରାଜପଥରେ ଶନିବାର ଏକ ସ୍କୁଲ ବସ୍ ଭାରସାମ୍ୟ ହରାଇ ଡ୍ରେନକୁ ଖସି ପଡ଼ିଛି। ସୌଭାଗ୍ୟବଶତଃ ବସ୍‌ରେ ଥିବା ସ୍କୁଲ ଛାତ୍ରୀଛାତ୍ର ବର୍ତ୍ତି ଯାଇଛନ୍ତି। ସୂଚନାଯୋଗ୍ୟ, ସୁସୁଡ଼ା ଅଞ୍ଚଳରେ ଥିବା ଏକ ଘରୋଇ ବିଦ୍ୟାଳୟ ବସ୍ ସହର ଉପକଣ୍ଠ ତୁରଙ୍ଗ ନିକଟରୁ ଛାତ୍ରୀଛାତ୍ରଙ୍କୁ ଧରି ସକାଳେ ସ୍କୁଲ ଅଭିମୁଖେ ଆସୁଥିବାବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ବସ୍‌ରେ ଥିବା ଛାତ୍ରୀଛାତ୍ରଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରିଥିଲେ।

# ଆଲୋଚନା ବିଫଳ, ୪ରେ ତାଳଚେର ବନ୍ଦ ଡାକରା

**ତାଳଚେର, ୨।୭(ନି.ପ୍ର.)**



ତାଳଚେର ମେଡିକାଲ କଲେଜ କାର୍ଯ୍ୟକ୍ଷମ ପ୍ରସଙ୍ଗରେ ହୋଇଥିବା ଆଲୋଚନାରୁ କୌଣସି ନିଷ୍କର୍ଷ ବାହାରିନାହିଁ। ଫଳରେ ଆସନ୍ତା ୪ ତାରିଖରେ ୧୨ ଘଣ୍ଟିଆ ତାଳଚେର ବନ୍ଦ ଏବଂ ୭୨ ଘଣ୍ଟିଆ ଅର୍ଥନୈତିକ ଅବରୋଧ ଡାକରା ଦେଇଛି କ୍ରିୟାନୁଷ୍ଠାନ କମିଟି। ଏହାକୁ ସଫଳ କରିବା ପାଇଁ ସମସ୍ତଙ୍କୁ ନିବେଦନ କରାଯାଇଛି।

କମିଟି ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ତାଳଚେର ମେଡିକାଲ କଲେଜ କାର୍ଯ୍ୟକ୍ଷମ ପ୍ରସଙ୍ଗରେ ଶନିବାର ଉପଜିଲାପାଳ ବିଶ୍ୱରଞ୍ଜନ ରଥଙ୍କ ଅଧ୍ୟକ୍ଷତାରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ହେଲେ ଆଲୋଚନାରୁ କୌଣସି ସୁଫଳ ମିଳିଲାନାହିଁ। ତେଣୁ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଆନ୍ଦୋଳନ କରାଯିବ। ଗତ ବୈଠକରେ ପ୍ରଶାସନର ଅନୁରୋଧକୁ ରକ୍ଷା କରି ଆନ୍ଦୋଳନକୁ ଏକମାସ ଘୁଞ୍ଚାଇ ଦିଆଯାଇଥିଲା। ଏହାସତ୍ତ୍ୱେ ସରକାରୀସ୍ତରରେ ମେଡିକାଲ କଲେଜ କାର୍ଯ୍ୟକ୍ଷମ ହେବାର ତାରିଖ ସ୍ଥିର ହୋଇ ହୋଇ ନ ପାରିବା ପରିତାପର ବିଷୟ ବୋଲି କମିଟି ସଦସ୍ୟ ଉଦ୍‌ବେଗ ବ୍ୟକ୍ତ କରିଛନ୍ତି।

ତାଳଚେର ମେଡିକାଲ କଲେଜ କରିବା ପାଇଁ ୧୦୦୦ କୋଟି ଟଙ୍କା ବ୍ୟୟରେ କୋଠା ସହିତ ଆନୁଷଙ୍ଗିକ ଯନ୍ତ୍ରପାତି କ୍ରୟ କରାଯାଇଛି। ଦୀର୍ଘ ୫ବର୍ଷ ହେଲା କାମ ଶେଷ ହୋଇଥିବାବେଳେ ନୂତନ କୋଠା ଏବଂ ଯନ୍ତ୍ରପାତି ନଷ୍ଟ ହେବାକୁ ବସିଲାଣି। ହେଲେ ସରକାରୀ

### ମେଡିକାଲ କଲେଜ କାର୍ଯ୍ୟକ୍ଷମ ପ୍ରସଙ୍ଗ

ଉଦାସୀନତା କାରଣରୁ ଏହାକୁ ମେଡିକାଲ କଲେଜ ମାନ୍ୟତା ମିଳୁ ନ ଥିବା ଅଭିଯୋଗ ହୋଇଆସୁଛି। ବନ୍ଦକୁ ସଫଳ କରିବା ପାଇଁ ତାଳଚେରର ବୁଦ୍ଧିଜୀବୀ, ଶ୍ରମିକ, ବ୍ୟବସାୟୀ, ଛାତ୍ର, ଯୁବକ ଏବଂ ତାଳଚେରବାସୀ ସହଯୋଗ କରିବାକୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅନୁରୋଧ କରାଯାଇଛି। ବୈଠକରେ କ୍ରିୟାନୁଷ୍ଠାନ କମିଟି ଆବାହକ ପଦ୍ମଚରଣ ସାମଲ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ଗଡନାୟକ, ପୂର୍ବତନ ନଗରପାଳ କେଶବ ଭୂତିଆ, ପୂର୍ବତନ ସମିତିସଭ୍ୟ ବିନୋଦ ଲାଲ, ରଞ୍ଜିତ ମହାପାତ୍ର,ସୁନିଲ ବିଶ୍ୱାଳ,ଜିନେସ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ନାବାଳିକାଙ୍କୁ ଅସଦାଚରଣ

**କଣିହାଁ,୨।୭(ଡି.ଏନ.ଏ.)**

ଅନୁଗୋଳ ଜିଲା କଣିହାଁ ଥାନା ପୋଲିସ ଜଣେ ନାବାଳିକା ସ୍କୁଲ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ଜଣେ ନାବାଳକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ପୋଲିସ ସୂଚନା ଅନୁଯାୟୀ, କଣିହାଁ ଥାନା ଅଞ୍ଚଳର ସମ୍ପୃକ୍ତା ୧୪ ବର୍ଷୀୟା ଛାତ୍ରୀ ନିଜ ଗ୍ରାମରୁ ସାଇକେଲ ଯୋଗେ ଅନ୍ୟ ଏକ ଗ୍ରାମକୁ ଟିୟୁସନ ପାଇଁ ଯାଇଥିଲେ। ଏହାର ସୁଯୋଗ ନେଇ ବବୁଲ ବେହେରା (୨୧) ଏବଂ ଅଭିଯୁକ୍ତ ୧୭ ବର୍ଷର ନାବାଳକ ଛାତ୍ରୀଙ୍କୁ ଗ୍ରାମ ନିକଟ କାଜୁ ଜଙ୍ଗଲ ଅଞ୍ଚଳରେ ଅସଦାଚରଣ ଉଦ୍ୟମ କରିଥିଲେ। ପୀଡ଼ିତା ଘଟଣା ସମ୍ପର୍କରେ ତାଙ୍କ ମା'ଙ୍କୁ ଅବଗତ କରାଇବା ସେ କଣିହାଁ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ କେସ ନଂ. ୧୬୭/୨୨ରେ ମାମଲା ରୁଜୁ କରିଛି। ମୁଖ୍ୟ ଅଭିଯୁକ୍ତ ବବୁଲ ବେହେରା ଫେରାର ରହିଛି। ଅଭିଯୁକ୍ତ ନାବାଳକଙ୍କୁ ଅନୁଗୋଳ ଜୁଭେନାଇଲ ହୋମ୍‌କୁ ପଠାଇ ଦିଆଯାଇଥିବା ପୋଲିସ ସୂଚନା ଦେଇଛି।

# ରୋଟାରି ରୟାଲ ପାଳିଲା ଡାକ୍ତର ଦିବସ



ଶୁଭାଶିଷ ପ୍ରଧାନଙ୍କୁ ସମ୍ମାନିତ କରାଯାଉଛି।

**ଅନୁଗୋଳ ଅଫିସ,୨।୭**

ଅନୁଗୋଳ ରୋଟାରି ରୟାଲ କ୍ଲବ ପକ୍ଷରୁ ଗୁରୁବାର ଡାକ୍ତର ଏବଂ ସିଏ ଦିବସ ପାଳିତ ହୋଇଯାଇଛି। କ୍ଲବର ନୂତନ ସଭାପତି ରୋଟାରିଆନ ହରଗୋବିନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ଡାକ୍ତର ଗୁରୁଚରଣ ପ୍ରଧାନ ଏବଂ ସିଏ ଶୁଭାଶିଷ ପ୍ରଧାନଙ୍କୁ ମାନପତ୍ର, ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ସମ୍ପାଦକ ରୋଟାରିଆନ ଜୟପ୍ରକାଶ ମୋଦି, ଅନିଲ ଗୁପ୍ତା, ମୁରାରୀଲାଲ୍ ଅଗ୍ରୱାଲ, ଡାକ୍ତର ଦେବାଶିଷ ପ୍ରଧାନ, ମିଲନ କୁମାର ଅଗ୍ରୱାଲ ସହଯୋଗ କରିଥିଲେ। ଏହି ଅବସରରେ କ୍ଲବ ତରଫରୁ ତାମ୍ରିତ କଲୋନୀ ନିକଟସ୍ଥ ଜରାଶ୍ରମ ଅନ୍ତେବାସୀଙ୍କୁ ମଧ୍ୟାହ୍ନ ଭୋଜନ ଏବଂ ଶୁଖିଲା ଖାଦ୍ୟ ସାମଗ୍ରୀ ବଣ୍ଟନ କରାଯାଇଥିଲା।

# ଲାଗିବ ୨୫ ହଜାର ଫଳନ୍ତି ଗଛ ଚାରା



**ଛେଣ୍ଡିପଦା,୨।୭(ସ୍ୱ.ପ୍ର)**

ଛେଣ୍ଡିପଦା ବିଟ୍ ଶୁନଭୂମି ନିକଟ ସଂରକ୍ଷିତ ଜଙ୍ଗଲରେ ଶୁକ୍ରବାର ୭୩ତମ ବନ ମହୋତ୍ସବ ପାଳିତ ହୋଇଛି। ଫରେଷ୍ଟର ପଦ୍ମ ଚରଣ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସାମୂହିକ ବନୀକରଣ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଡିଓ ସଞ୍ଜୟ କୁମାର ଆଚାର୍ଯ୍ୟ, ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନ, ଗ୍ରାମ୍ୟ କମିଟି ସଭାପତି ଚନ୍ଦ୍ରମଣି ପ୍ରଧାନ, ଅବସରପ୍ରାପ୍ତ ରେଞ୍ଜର ପ୍ରତାପ ଚନ୍ଦ୍ର ରାଉଳ ପ୍ରମୁଖ ଯୋଗ ଦେଇଥିଲେ। ଛେଣ୍ଡିପଦା ସଂରକ୍ଷିତ ଜଙ୍ଗଲର ୫୦ ହେକ୍ଟର ଜାଗାରେ ୨୫ ହଜାର ଫଳନ୍ତି ଗଛ ଲଗାଯିବା ପାଇଁ ନିଷ୍ପତ୍ତି ହୋଇଛି। ପ୍ରଥମ ଦିନରେ ୧ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁମିତ୍ରା ସାହୁ, ତେଣ୍ଟୁଲୋଇ କୋଡାସାହି ସରପଞ୍ଚ ପ୍ରିୟଙ୍କା ସାହୁ, ଗ୍ରାମବାସୀ ଯୋଗଦେଇ ଗଛ ଲଗାଇଥିଲେ। ବନପାଳ ମହେଶ୍ୱର ପ୍ରଧାନ, ବନରକ୍ଷୀ ରଜନୀଗନ୍ଧା ପ୍ରଧାନ, ଆଦିକନ୍ଦ ପ୍ରଧାନ, କବିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ହଣ୍ଡପା ରେଞ୍ଜରେ ହାତୀ ଉପଦ୍ରବ

**ବଇଣ୍ଡା, ୨।୭(ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ୍ ଅଧୀନ କଣ୍ଟେଇକୋଳିଆ, ଜାମୁନାଳୀ, ହଣ୍ଡପା ପଞ୍ଚାୟତରେ ହାତୀ ଉପଦ୍ରବ ଲାଗି ରହିଛି। ବାମୁର ଅଞ୍ଚଳରୁ ସପ୍ତାହେ ହେଲା ୬ରୁ ୭ ଟି ହାତୀ ହଣ୍ଡପା ରେଞ୍ଜ୍‌କୁ ଆସି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଆମ୍ବ, କଦଳୀ ବଗିଚା, ପରିବା ଚାଷ ଉଜାଡ଼ି ଦେଉଛନ୍ତି। ବନ ବିଭାଗ ପକ୍ଷରୁ ହାତୀଙ୍କୁ ଘଉଡ଼ାଇବା ଲାଗି ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଲୋକେ ରାତି ଉଜାଗର ରହି ନିଆଁ ଜାଳି, ବାଣ ଫୁଟାଇ ହାତୀ ଘଉଡାଉଛନ୍ତି। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେଇ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ୪୦ ୟୁନିଟ୍ ରକ୍ତ ସଂଗୃହୀତ

**ଅନୁଗୋଳ ଅଫିସ,୨।୭**

ଡାକ୍ତର ଦିବସ ଉପଲକ୍ଷେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତକେନ୍ଦ୍ରଠାରେ ଭାରତୀୟ ଚିକିତ୍ସକ ସଂଘ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଓଡ଼ିଶା ସେଲସ ରିପ୍ରେଜେଣ୍ଟିଭ ୟୁନିୟନ ଓ ପତଞ୍ଜଳୀ ଯୋଗ ସମିତି ସହଯୋଗ କରିଥିଲେ। ଏଥିରେ ୪୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଭାରତୀୟ ଚିକିତ୍ସକ ସଂଘ ଓଡ଼ିଶା ଶାଖା ନିର୍ବାଚିତ ସଭାପତି ଡା. ପ୍ରଭାତ କୁମାର ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଭାରତୀୟ ଚିକିତ୍ସକ ସଂଘ ଅନୁଗୋଳ ଶାଖା ସଭାପତି ଡା. ତରୁଣ କୁମାର ସାହୁ, ସମ୍ପାଦକ ଡା. ବିଶ୍ୱଜିତ୍ ସାମଲ ରକ୍ତଦାନ କରିଥିଲେ। ପତଞ୍ଜଳୀ ଯୋଗ ସମିତି ତରଫରୁ ସୁବୋଧ କୁମାର ମିଶ୍ର ରକ୍ତଦାନ କରିଥିଲେ। ରକ୍ତକେନ୍ଦ୍ର ଅଧିକାରୀ ଡା. ସତ୍ୟବ୍ରତ ପଟ୍ଟନାୟକ ରକ୍ତଦାତାଙ୍କ ସ୍ୱାସ୍ଥ୍ୟପରୀକ୍ଷା କରିଥିଲେ।




ଶିବିରରେ ଉପସ୍ଥିତ ରକ୍ତଦାତାଙ୍କ ସମେତ ଅନ୍ୟମାନେ।

# ୫୦ ନିମ ଚାରାରୋପଣ



ନିମ୍ବ ଚାରାରୋପଣ କାର୍ଯ୍ୟକ୍ରମରେ ସାଥୀ ପରିବାରର ସଦସ୍ୟମାନେ।

**ଅନୁଗୋଳ ଅଫିସ, ୨।୭**

ଅନୁଗୋଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସାଥୀ ପରିବାର' ତରଫରୁ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଆରମ୍ଭ ହୋଇଛି 'ଗଛ ଲଗେଇବା, ଯତ୍ନ କରି ବଡ କରିବା' ଅଭିଯାନ। ଅନୁଗୋଳ ବ୍ଲକ ଗୁରଙ୍ଗ ଡ୍ୟାମ କୂଳରେ ଅନୁଷ୍ଠାନ ପକ୍ଷରୁ ୫୦ଟି ନିମ ଚାରାରୋପଣ କରାଯାଇଛି। ପ୍ରକୃତିପ୍ରେମୀ ଅରୁଣ ନାଏକ, ସନ୍ତୋଷ ନାଏକ ଏବଂ ସାଥୀ ପରିବାରର ସିଦ୍ଧାର୍ଥ ପ୍ରଧାନ, ଦିଲୀପ ସାହୁ, ଶୁଭେନ୍ଦୁ ସାହୁ, ସମ୍ବିତ କୁମାର ସାହୁ, ରୀତେଶ ସାହୁ ଏବଂ ସୁବ୍ରତ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ଆଗାମୀ ୨ ମାସ ପର୍ଯ୍ୟନ୍ତ ଅନୁଗୋଳର ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯାଇ ଗଛ ସୁରକ୍ଷା ପାଇଁ ଖସଡା ପ୍ରସ୍ତୁତ କରି ଅଭିଯାନକୁ ସଫଳ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

### ନୂତନ ରେଞ୍ଜରଙ୍କ ଦାୟିତ୍ୱ ଗ୍ରହଣ

**ଛେଣ୍ଡିପଦା,୨।୭(ସ୍ୱ.ପ୍ର)**

ଛେଣ୍ଡିପଦା ବନାଞ୍ଚଳ କାର୍ଯ୍ୟାଳୟ ଅଧିକାରୀ ପ୍ରତାପ ଚନ୍ଦ୍ର ରାଉଳଙ୍କ ଅବସର ପରେ ତାଙ୍କ ସ୍ଥାନରେ ନୂତନ ଭାରପ୍ରାପ୍ତ ଅଧିକାରୀ ଭାବେ ନୀଳମଣି ଦେହୁରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଛେଣ୍ଡିପଦା ବନାଞ୍ଚଳ କାର୍ଯ୍ୟାଳୟରେ ବିଦାୟୀ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ନୂତନ ଅଧିକାରୀଙ୍କୁ ସ୍ୱାଗତ କରାଯାଇଥିଲା। ବନାଞ୍ଚଳର ବିକାଶ, ବନ୍ୟଜନ୍ତୁଙ୍କ ସୁରକ୍ଷା, ବନୀକରଣ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବ ବୋଲି ରେଞ୍ଜର ଦେହୁରୀ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟର ମହେଶ୍ୱର ପ୍ରଧାନ, ପଦ୍ମଚରଣ ସାହୁ, ଦୀପକ ସେଠୀ,



ସୁଶାନ୍ତ ନାଏକ, ଫରେଷ୍ଟ ଗାର୍ଡ ଗୀତାଞ୍ଜଳି ସାହୁ, ସୁଜାତା ସାହୁ, କବିତା ପ୍ରଧାନ, ଆଦିକନ୍ଦ ପ୍ରଧାନ, କମଳ ଲୋଚନ ସାହୁ ପ୍ରମୁଖ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଶକ୍ତିକେନ୍ଦ୍ରକୁ ଜାରି ରହିବ କୋଇଲା ଯୋଗାଣ

**ତାଳଚେର, ୨।୭(ନି.ପ୍ର.)**

ବର୍ଷା ଋତୁରେ ଶକ୍ତିକେନ୍ଦ୍ରରେ କୋଇଲା ସଙ୍କଟର ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ରାଷ୍ଟ୍ରାୟତ୍ତ ଉଦ୍ୟୋଗ କୋଲ୍ ଇଣ୍ଡିଆର ଅଂଶୀଦାର ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍)। କମ୍ପାନୀ ଅଧିକୃତ ସମସ୍ତ କୋଇଲା ଖଣି ତଥା ରେଲୱେ ସାଇଡିଂରେ ପର୍ଯ୍ୟାପ୍ତ ପରିମାଣର କୋଇଲା ଗଚ୍ଛିତ ରଖିବା, ଯୋଗାଣ ଶୃଙ୍ଖଳ ପରିଚାଳନା, ମନିଟରିଂ କରାଯାଉଛି। କୋଇଲା ଏବଂ ରେଳ ମନ୍ତ୍ରଣାଳୟ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯାଉଛି। ଏମସିଏଲ୍ ସିଏମ୍‌ଡି, କାର୍ଯ୍ୟକାରିଣୀ ନିର୍ଦ୍ଦେଶକ ଏବଂ ବରିଷ୍ଠ ପଦାଧିକାରୀମାନେ ଉତ୍ପାଦନ ଏବଂ ନଜର ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ପ୍ରଶାସନିକ ସହାୟତା ପ୍ରଦାନ କରିବା ପାଇଁ ଶୀର୍ଷ ମ୍ୟାନେଜମେଣ୍ଟର ଆଭିମୁଖ୍ୟ କମ୍ପାନୀର କାର୍ଯ୍ୟଦକ୍ଷତାକୁ ଆହୁରି ବୃଦ୍ଧି କରିଛି।

କମ୍ପାନୀ ସୂଚନା ଅନୁଯାୟୀ, ୨୦୨୨–୨୩ ଆର୍ଥିକ ବର୍ଷର ପ୍ରଥମ କ୍ୱାର୍ଟରରେ କୋଇଲା ଉତ୍ପାଦନରେ



୩୫.୪% ଏବଂ ଡେସ୍‌ପ୍ୟାଚରେ ୨୨.୧% ଅଭିବୃଦ୍ଧି ରହିଛି। କମ୍ପାନୀର ସମସ୍ତ କୋଇଲା ଖଣି ଏବଂ ରେଲୱେ ସାଇଡିଂରେ ପର୍ଯ୍ୟାପ୍ତ କୋଇଲା ଷ୍ଟକ୍ ରହିଛି। ତାଳଚେର କୋଲଫିଲ୍ଡସରେ ଦୈନିକ ୭୦ ର୍ୟାକ ପ୍ରେରଣ/ଲୋଡ୍ କ୍ଷମତା ରହିଥିବା ବେଳେ ୫୬ ର୍ୟାକ ରେଲ ଡେସପ୍ୟାଚ ବଜାୟ ରହିଛି। ଶୀର୍ଷ କ୍ଷମତା ବଜାୟ ରଖିବା କଷ୍ଟକର ହୋଇଥିଲେ ମଧ୍ୟ ରେଲୱେ ଏଥିପାଇଁ ଉଦ୍ୟମ କରୁଛି। ଇବ୍ ଭ୍ୟାଲି କୋଲଫିଲ୍ଡସରେ ମଧ୍ୟ ଅନୁରୂପ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ଏଠାରେ ଦୈନିକ ୩୭.୭୩ ର୍ୟାକ ଯୋଗାଇ ଦିଆଯାଉଥିବାବେଳେ ଜୁନ୍ ୨୨ରେ ଏହାର ପରିମାଣ ୪୨ ର୍ୟାକ କ୍ଷମତାକୁ ବୃଦ୍ଧି ପାଇଛି।

ଗତ ୩୦ ଏବଂ ୧ ତାରିଖରେ କୋଲକାତାସ୍ଥିତ ଶକ୍ତି ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏନ୍.ଏସ୍. ମଣ୍ଡଳ, ତାଙ୍କ

### ମୌସୁମୀ ଋତୁ ପାଇଁ ଏମ୍‌ସିଏଲ୍‌ର ପ୍ରସ୍ତୁତି

ଟିମ୍ ସଦସ୍ୟ, ଏମ୍‌ସିଏଲର ଜିଏମ୍ (ଏମ ଆଣ୍ଡ ଏସ୍) ଏବଂ ଏରିଆ ଟିମ ସହିତ ଇବ ଭ୍ୟାଲି ଏବଂ ତାଳଚେର କୋଲଫିଲ୍ଡସ ପରିଦର୍ଶନ କରି ବିଭିନ୍ନ ବିଷୟରେ ଅନୁଧ୍ୟାନ କରିଛନ୍ତି। ସେହିପରି ବସୁନ୍ଧରା ଏବଂ ଲଖନପୁର କ୍ଷେତ୍ରରେ ମାଇନ୍ସ ଷ୍ଟକ ଏବଂ ସାଇଡ୍ ମଧ ବୁଲି ଦେଖିଛନ୍ତି। ସେହିପରି ୧ ଏବଂ ୨ ତାରିଖରେ ତାଳଚେର ସ୍ଥିତ ଜଗନ୍ନାଥ, ଭରତପୁର, ଲିଙ୍ଗରାଜ ଓ ହିଙ୍ଗୁଳା କ୍ଷେତ୍ର ସାଇଡିଂ ବୁଲି ଅନୁଧ୍ୟାନ କରି ସନ୍ତୋଷ ବ୍ୟକ୍ତ କରିଛନ୍ତି। ସେହିପରି ଶକ୍ତିକେନ୍ଦ୍ରକୁ ଉତ୍ତମ ଗୁଣବତାପୂର୍ଣ୍ଣ କୋଇଲା ଯୋଗାଣ ବୃଦ୍ଧି ପାଇଁ ଏମସିଏଲ୍ ନେଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ। ୨୦୨୨–୨୩ ଆର୍ଥିକ ବର୍ଷ ପାଇଁ ୧୭୬ ମିଲିୟନ ଟନ୍ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଏମ୍‌ସିଏଲ୍ ଏହାକୁ ପୂରଣ କରିବା ପାଇଁ ଉଦ୍ୟମ କରିବ ବୋଲି ଟିମ୍ ସଦସ୍ୟ ସୂଚନା ଦେଇଛନ୍ତି।

# ମାଉସୀ ଘରକୁ ଗଲେ ଚତୁର୍ଦ୍ଧାମୂର୍ତ୍ତି



**ଆଠମଲ୍ଲିକ, ୨।୭(ଡି.ଏନ.ଏ.)**

ଆଠମଲ୍ଲିକ ଜଗନ୍ନାଥ ମନ୍ଦିରରେ ଶୁକ୍ରବାର ରଥଯାତ୍ରା ପାଳିତ ହୋଇଛି। ସକାଳୁ ନୀତିକାନ୍ତି ପରେ ୧୦ଟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ରତ୍ନପିଣ୍ଡିରୁ ବାହାରକୁ ଅଣାଯାଇଥିଲା। ପହଣ୍ଡିଆମାନେ ଦିଅଁଙ୍କୁ ସାଜସଜ୍ଜା କରିଥିଲେ। ଅପରାହ୍ଣ ୩ଟାରେ ଉପଜିଲାପାଳ ଲଳିତ ମୋହନ ବେହେରା ଛେରାପହଁରା କରିବା ପରେ ପହଣ୍ଡି ଆରମ୍ଭ ହୋଇଥିଲା। ଶ୍ରୀଜୀଉ ରଥାରୂଢ଼ ହେବା ପରେ ଅପରାହ୍ଣ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ପ୍ରଫୁଲ୍ଲ ପାଣିଗ୍ରାହୀ, ନିତ୍ୟ ପୂଜକ ଚିତ୍ତରଞ୍ଜନ ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିବାବେଳେ ଭବାନୀ ମିଶ୍ର ସାରଥୀ ଦାୟିତ୍ୱ ତୁଲାଇଥିଲେ। ଅତିରିକ୍ତ ତହସିଲଦାର ଜିତେନ୍ଦ୍ର ବିଶ୍ୱାଳ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ। ଅତିରିକ୍ତ ତହସିଲଦାର ଅଶୋକ ଦେହୁରୀ, ସହକାରୀ ଜିଲାପାଳ କୁଳମଣି ଦଳେଇ, ଉପନଗରପାଳ ଗଦାଧର ସ୍ୱାଇଁ, ନିର୍ବାହୀ ଅଧିକାରୀ କାଦମ୍ବିନୀ ଜେନାଙ୍କ ପ୍ରମୁଖ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ରାତି ୯ଟାରେ ଠାକୁରଙ୍କୁ ଜନ୍ମବେଦୀକୁ ନିଆଯାଇଥିଲା। ଏହି ଅବସରରେ ଆୟୋଜିତ ଭଜନସନ୍ଧ୍ୟା କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଆଶା ମୁକୁଲ ବାରିକ ଏବଂ ସହଯୋଗୀ ସଙ୍ଗୀତ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଅସୁସ୍ଥ ହାତୀ ହର୍ପିସ୍ ଆକ୍ରାନ୍ତ ନୁହେଁ

**ଢେଙ୍କାନାଳ ଅଫିସ, ୨।୭:** ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ପୁରୁଣାକୋଟ ରେଞ୍ଜ୍‌ରେ ମା’ ସହ ବୁଲୁଥିବା ଆନୁମାନିକ ୬ବର୍ଷର ଅଣ୍ଡିରା ହାତୀକୁ ଚିକିତ୍ସା ପାଇଁ ଶୁକ୍ରବାର ରାତିରେ କପିଳାସ ପ୍ରାଣୀଉଦ୍ୟାନ ପରିସରରେ ଥିବା ଏଲିଫ୍ୟାଣ୍ଟ୍ ରେସ୍‌କ୍ୟୁ ସେଣ୍ଟରକୁ ଅଣାଯାଇଛି। ଶନିବାର ପ୍ରାଣୀ ଉଦ୍ୟାନର ଚିକିତ୍ସକ ହାତୀର ଚିକିତ୍ସା ଆରମ୍ଭ କରିଛନ୍ତି। ପରୀକ୍ଷା ପରେ ରକ୍ତ ନମୁନାରୁ ହର୍ପିସ୍ ଭୂତାଣୁ ମିଳିନାହିଁ, ଯାହା ବନ ବିଭାଗକୁ ଆଶ୍ୱସ୍ତି କରିଛି। ତେବେ ଉକ୍ତ ହାତୀ ଖାଦ୍ୟ ଗ୍ରହଣ କରିପାରୁନାହିଁ। ଏହାକୁ ଅନ୍ୟ ହାତୀଙ୍କଠାରୁ ପୃଥକ୍ ରଖି ଆଣ୍ଟିବାୟୋଟିକ୍ ଦିଆଯାଉଛି। ରକ୍ତ ନମୁନା ପରୀକ୍ଷା ପାଇଁ ଭୁବନେଶ୍ୱର ଓୟୁଏଟିକୁ ପଠାଯାଇଥିବା ଜିଲା ବନଖଣ୍ଡ ଅଧିକାରୀ ଡ. ପ୍ରକାଶଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।

### ପ୍ରାଧ୍ୟାପକଙ୍କୁ ବିଦାୟ ସମ୍ବର୍ଦ୍ଧନା

**ପରଜଙ୍ଗ, ୨।୭(ଡି.ଏନ୍.ଏ.):** ପରଜଙ୍ଗ କଲେଜର ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ତଥା ବରିଷ୍ଠ ପ୍ରାଧ୍ୟାପକ ପ୍ରଫେସର କ୍ଷିତୀଶ ଚନ୍ଦ୍ର ଜେନାମଣି ଏବଂ ଗ୍ରନ୍ଥାଗାରିକ ମହେନ୍ଦ୍ର ଦାସ ଅବସର ଗ୍ରହଣ କରିଛନ୍ତି। ଅଧ୍ୟକ୍ଷ ନୀହାର ରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଉଭୟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପୂର୍ବତନ ଅଧ୍ୟକ୍ଷ ଡ. ସୁନୀଲ କୁମାର ରଥ, ପ୍ରଫେସର ସନାତନ ସାମଲ, ପ୍ରବୋଧ ରଥ, ଅକ୍ଷୟ ବାରିକ, ଦୁଃଶାସନ ସାହୁ, ଦୁର୍ଯ୍ୟୋଧନ ନାଏକ ପ୍ରମୁଖ ସମସ୍ତ କର୍ମଚାରୀ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସହକର୍ମୀମାନେ ବିଦାୟୀ ପ୍ରାଧ୍ୟାପକ ଏବଂ ଗ୍ରନ୍ଥାଗାରିକଙ୍କ କର୍ମମୟ ଜୀବନର ସ୍ମୃତିଚାରଣ କରିବା ସହ ସେମାନଙ୍କ ସୁସ୍ଥ, ନିରାମୟ ଅବସର ଜୀବନର କାମନା କରିଥିଲେ।

### ବୃକ୍ଷ ହିଁ ଜୀବନ



**ପରଜଙ୍ଗ, ୨।୭(ଡି.ଏନ.ଏ.):** କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ୍ ମୁକ୍ତାପଶି ଫରେଷ୍ଟ ସେକ୍ସନ ଅନ୍ତର୍ଗତ ବସୋଇ ହାଇସ୍କୁଲ କ୍ୟାମ୍ପସ ପରିସରରେ ଶନିବାର ୭୩ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଫରେଷ୍ଟରଙ୍କ ପ୍ରଦୀପ୍ତ ଭଞ୍ଜଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରେଞ୍ଜର ବନବିହାରୀ ସର୍ଦ୍ଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ବୃକ୍ଷ ହିଁ ଜୀବନ। କେବଳ ଗଛ ଲଗାଇଲେ ହେବ ନାହିଁ, ତାହାର ଯତ୍ନ ନେବା ମଧ୍ୟ ଜରୁରୀ ବୋଲି ସେ କହିଥିଲେ। ସ୍ଥାନୀୟ ସରପଞ୍ଚ, ବନ ସୁରକ୍ଷା ସମିତି ସଦସ୍ୟ, ମୁକ୍ତାପଶି ଫରେଷ୍ଟ ସେକ୍ସନର ସମସ୍ତ କର୍ମଚାରୀ ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ୨୦ ପଇସାରେ ଗଡ଼ିବ ୧ କି.ମି.

**ଢେଙ୍କାନାଳ ଅଫିସ, ୨।୭**

ମାତ୍ର ୨୦ ପଇସା ଖର୍ଚ୍ଚ କଲେ ବାଇକ୍ ଗଡ଼ିବ ୧ କିଲୋମିଟର। ନା ପକାଇବାକୁ ପଡ଼ିବ ପେଟ୍ରୋଲ ନା ରହିବ ପ୍ରଦୂଷଣ ଚିନ୍ତା। ପରିବେଶ ଅନୁକୂଳ ଏଭଳି ଏକ ଇ–ବାଇକ୍ ନିର୍ମାଣ କରି ପ୍ରଶଂସା ସାଉଁଟୁଛନ୍ତି ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜର ମେଧାବୀ ବିଦ୍ୟାର୍ଥୀ। ଡିପ୍ଲୋମା ବିଭାଗର ମେକାନିକାଲ ଏବଂ ଇଲେକ୍ଟ୍ରିକାଲ ବ୍ରାଞ୍ଚ ଛାତ୍ରଙ୍କ ଦ୍ୱାରା ନିର୍ମିତ ଏହି ବାଇକ୍‌କୁ ଶନିବାର ଲୋକାର୍ପଣ କରିଛନ୍ତି ଜିଲାପାଳ ସରୋଜ କୁମାର ସେଠୀ। ଏହାର ନାମ ଦିଆଯାଇଛି ‘ସିନର୍ଜି ଇ–ବାଇକ୍’। ଜିଲାପାଳ ଉକ୍ତ ବାଇକ୍ ଚଲାଇବା ପରେ ନିଜର ଅନୁଭୂତି ବାଣ୍ଟିଛନ୍ତି। ଦିନକୁ ଦିନ ତୈଳ ଦର ଆକାଶଛୁଆଁ ହେଉଛି। ଆଗାମୀ ଦିନରେ ଏହାର ବିକଳ୍ପ ସାଜିବ ଇ–ବାଇକ୍। ପ୍ରଦୂଷଣକୁ ମଧ୍ୟ ରୋକାଯାଇପାରିବ। ସିନର୍ଜି ଇଞ୍ଜିନିୟରିଂ କଲେଜ ପିଲାମାନଙ୍କ ଦ୍ୱାରା ନିର୍ମିତ ଏହି ବାଇକ୍ ସଫଳ ପ୍ରୟାସ। ଏଥିଲାଗି ସେମାନେ ପ୍ରଶଂସାର ହକ୍‌ଦାର ବୋଲି ଜିଲାପାଳ କହିଛନ୍ତି।

ସ୍ଥାନୀୟ ଶିଳ୍ପ ନିଗମ ମୁଖ୍ୟ ପରିଚାଳକ ପି. ପ୍ରଭାକର ରାଓ କହିଲେ, ଛାତ୍ରଙ୍କ ଦ୍ୱାରା ନିର୍ମିତ ଇ–ବାଇକ୍‌ର ବ୍ୟବସାୟୀକରଣ ହୋଇପାରିଲେ ଏହାର ସୁଫଳ ମିଳିବ। ଜିଲା ପ୍ରଶାସନ ଏବଂ ଶିଳ୍ପ ନିଗମର ସହଯୋଗ ମିଳିଲେ ଏଭଳି ନୂତନ ପ୍ରୋଜେକ୍ଟ ପ୍ରସ୍ତୁତ କରାଯାଇପାରିବ ବୋଲି ମହାବିଦ୍ୟାଳୟ ପରିଚାଳନା ପରିଷଦ ଅଧ୍ୟକ୍ଷ ବିନୋଦ ଦାଶ ଆଶାବ୍ୟକ୍ତ କରିଛନ୍ତି। ନୂତନ ବାଇକ୍ କ୍ରୟ କରିବା ବଦଳରେ ପୁରୁଣା ଗାଡ଼ିକୁ ଇ–ବାଇକ୍‌ରେ ପରିବର୍ତ୍ତନ କରାଯାଇପାରିବ। ଏଥିରେ ଜିପିଏସ୍ ଟେକ୍ନୋଲୋଜି ଓ ଆଣ୍ଟିଥେଫ୍ଟ ଫିଚର ରହିଛି। ଫଳରେ ସହଜରେ ଗନ୍ତବ୍ୟସ୍ଥଳରେ ପହଞ୍ଚି ହେବ। ଏଥିସହ ଚୋରିରୁ ମଧ୍ୟ ସୁରକ୍ଷା ମିଳିବ। ଇଚ୍ଛୁକ ବ୍ୟକ୍ତି ପୁରୁଣା ଗାଡ଼ିକୁ ଆଣିଲେ ଏହାକୁ ‘ଇ–ବାଇକ’ରେ ରୂପାନ୍ତରଣ କରିହେବ ବୋଲି ପ୍ରକଳ୍ପର ଗାଇଡ୍ ଅଧ୍ୟାପକ ଦେବାଶିଷ ରାଉତ ସୂଚନା ଦେଇଛନ୍ତି। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ସରୋଜ କୁମାର ନାୟକ, ଡିଗ୍ରୀ ବିଭାଗ ଅଧ୍ୟକ୍ଷା ଡ. ଇତିଶ୍ରୀ ମହାନ୍ତି, ବରିଷ୍ଠ ଅଧ୍ୟାପକ ସୁବ୍ରତ କୁମାର ବେହେରା, ପ୍ରଶାସନିକ ଅଧିକାରୀ ଚନ୍ଦ୍ରକାନ୍ତ ମିଶ୍ର ପ୍ରମୁଖ ଇ–ବାଇକ୍ ଲୋକାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ଜିଲାପାଳ ସରୋଜ କୁମାର ସେଠୀ ଇ–ବାଇକ୍ ଚଲାଉଛନ୍ତି।

**ସିନର୍ଜି ଛାତ୍ର ତିଆରି କଲେ ଇ–ବାଇକ୍**

## ବାଇକ୍ ଶୋଭାଯାତ୍ରାରେ ବିଦ୍ୟୁତ୍ ସୁରକ୍ଷା ବାର୍ତ୍ତା




ସଚେତନତା କାର୍ଯ୍ୟକ୍ରମରେ କର୍ମଚାରୀମାନେ।

**କଣିହାଁ, ୨।୭(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି)ରେ ଗତ ୨୬ ତାରିଖରୁ ଆରମ୍ଭ ହୋଇଥିବା ଜାତୀୟ ବିଦ୍ୟୁତ୍ ସୁରକ୍ଷା ସଚେତନତା ସପ୍ତାହ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଅନ୍ତିମ ଦିବସରେ ଓଏଚ୍‌ପିସି ପକ୍ଷରୁ ବିଦ୍ୟୁତ୍ ସୁରକ୍ଷା ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାଧାରଣ ପରିଚାଳକ ରୁଦ୍ରମୋହନ ନାୟକଙ୍କ ନେତୃତ୍ୱରେ ଯନ୍ତ୍ରୀ, କର୍ମଚାରୀ ଓ ସୁରକ୍ଷା କର୍ମୀ ଡିଜେଲ ପାୱାର ହାଉସ ନିକଟ ବିଦ୍ୟୁତ୍ ଷ୍ଟ୍ରକ୍‌ଚରଠାରୁ ବାଇକ ରାଲିରେ ବାହାରି ନଗର ପରିକ୍ରମା କରିଥିଲେ। ଡାକବାଜି ଯନ୍ତ୍ର ସହାୟତାରେ ବିଦ୍ୟୁତ୍ ସୁରକ୍ଷା ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଚାର କରାଯାଇଥିଲା। ଅଞ୍ଚଳ ପରିକ୍ରମା ପରେ ପେଟ୍ରୋଲ ଟାଙ୍କି ଛକଠାରେ ଶୋଭାଯାତ୍ରା ସମାପନ ହୋଇଥିଲା। ଓଏଚ୍‌ପିସିର ସାଧାରଣ ପରିଚାଳକ ଗଣେଶରାମ ପଣ୍ଡା, ଡିଜିଏମ୍ ଗଣେଶ ମହାପାତ୍ର, ମ୍ୟାନେଜର ଅଲ୍ଲୀ ଅହମ୍ମଦ, ଡେପୁଟି ମ୍ୟାନେଜର ଶରତ ଚନ୍ଦ୍ର ପ୍ରଧାନ, ଜୁନିୟର ଡେପୁଟି ମ୍ୟାନେଜର ଭବାନୀ ଶଙ୍କର ବିଶ୍ୱାଳଙ୍କ ସମେତ ସମସ୍ତ ଯନ୍ତ୍ରୀ, ଶ୍ରମିକ, କର୍ମଚାରୀ ଯୋଗ ଦେଇଥିଲେ। ସନ୍ଧ୍ୟାରେ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ରଠାରେ ପୂର୍ବରୁ ଆୟୋଜିତ ବିଦ୍ୟାଳୟସ୍ତରୀୟ ସାଧାରଣ ଜ୍ଞାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଜନ୍ମବେଦୀକୁ ଗଲେ ଦାରୁଦିଅଁ



ଆଡ଼ପ ମଣ୍ଡପ ଜନ୍ମବେଦିରେ ଦାରୁଦିଅଁ।



କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରୁଛନ୍ତି।

**ଅନୁଗୋଳ ଅଫିସ, ୨।୭**

ଅନୁଗୋଳ ଶୈଳ ଶ୍ରୀକ୍ଷେତ୍ରରେ ପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି। ଶୁକ୍ରବାର ଶ୍ରୀଜୀଉ ମାଉସୀ ମା’ ଘର ଅଭିମୁଖେ ବାହାରିଥିବାବେଳେ ଶନିବାର ଆଡ଼ପ ମଣ୍ଡପକୁ ବିଜେ କରିଛନ୍ତି। ମହାପ୍ରଭୁ ଜଗନ୍ନାଥ, ମା’ ସୁଭଦ୍ରା ଏବଂ ମହାପ୍ରଭୁ ବଳଭଦ୍ରଙ୍କୁ ଗୋଟି ପହଣ୍ଡିରେ ଜନ୍ମବେଦୀକୁ ବିଜେ କରିଛନ୍ତି। ଏଥିସହ ବେଶଦର୍ଶନ ଆରମ୍ଭ ହୋଇଛି। ଏହାକୁ ନେଇ ଆଡ଼ପ ମଣ୍ଡପ ପରିସର ଲୋକାରଣ୍ୟ ହୋଇଉଠିଥିଲା। ମାଉସୀ ମା’ ମନ୍ଦିର ପ୍ରାଙ୍ଗଣରେ ଭଜନ ସନ୍ଧ୍ୟା ଆୟୋଜିତ ହୋଇଛି। ଖ୍ୟାତନାମା କଣ୍ଠଶିଳ୍ପୀ ଆଶାମୁକୁଲ ବାରିକ ଓ ସହଯୋଗୀମାନେ ଏଥିରେ ସାମିଲ ହୋଇ ଜଗନ୍ନାଥ ଜଣାଣ ଗାଇଥିଲେ। ବାହୁଡ଼ା ଯାତ୍ରା ଅବସରରେ ୯ ଓ ୧୦ ତାରିଖରେ ଶୈଳ ଶ୍ରୀକ୍ଷେତ୍ରଠାରେ ଭଜନ ପରିବେଷଣ କରାଯିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଚାରାରୋପଣ ପାଇଁ ପରାମର୍ଶ

**ବଇଣ୍ଡା, ୨।୭(ଡି.ଏନ.ଏ.)**

ଶିଳ୍ପ ବହୁଳ ଅନୁଗୋଳ ଜିଲାରେ ତାପମାତ୍ରା ବୃଦ୍ଧି ପାଉଛି। ଲୋକେ ସେମାନଙ୍କ ସ୍ୱାର୍ଥ ପାଇଁ ବୃକ୍ଷ କାଟୁଥିବାବେଳେ ଅନେକ ରାସ୍ତା ଓ ଶିଳ୍ପ ପାଇଁ ଗଛ ବଳି ପଡୁଛି। ବର୍ତ୍ତମାନ ପରିସ୍ଥିତିରେ ପ୍ରତି ପରିବାରର ସଦସ୍ୟ ମିଳିମିଶି ଚାରାରୋପଣ କରିବା ଜରୁରୀ ହୋଇପଡିଛି ବୋଲି ଶନିବାର ଆଠମଲ୍ଲିକ ବ୍ଲକ ପାଇକସାହି ହାଇସ୍କୁଲରେ ଅନୁଷ୍ଠିତ ବନ ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ କହିଛନ୍ତି। ମୁଖ୍ୟ ଅତିଥି ଭାବେ ସରପଞ୍ଚ ନିରୋଜକାନ୍ତ ସାହୁ ଯୋଗଦେଇ ବନୀକରଣ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଧଣ୍ଡାତୋପା ରେଞ୍ଜର ବବ୍ରୁବାହାନ ସାହୁ, ଫରେଷ୍ଟର ସଞ୍ଜୟ କୁମାର ବେହେରା, ସୁଦର୍ଶନ ପ୍ରଧାନ, ଫରେଷ୍ଟ ଗାର୍ଡ ରାକେଶ ମହାକୁଡ, ସମିତିସଭ୍ୟ ମହୋନ ଭୋଇ, ପ୍ରଧାନ ଶିକ୍ଷକ ଶୁକଦେବ ସାହୁ, ପୂର୍ବତନ ସମିତିସଭ୍ୟ ଶିଶିର ବାଘ, ଶିକ୍ଷକ ଗୌରଚନ୍ଦ୍ର ସାହୁ, ପ୍ରସନ୍ନ ବେହେରା, ମୋନାଲିସା ସାହୁ, ପ୍ରସନ୍ନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟ ପରିସରରେ ଶତାଧିକ ଚାରା ଲଗାଯାଇଥିଲା। ଗ୍ରାମବାସୀ ସହଯୋଗ କରିଥିଲେ।



ବନୀକରଣ କାର୍ଯ୍ୟକ୍ରମରେ ବନ କର୍ମଚାରୀଙ୍କ ସମେତ ଅନ୍ୟମାନେ।

# ଭଜନରେ ବିଭୋର ଶ୍ରୋତା

**ଢେଙ୍କାନାଳ ଅଫିସ, ୨।୭**

ଢେଙ୍କାନାଳ ସହର ବାଜିଚୌକଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଶ୍ରୀଗୁଣ୍ଡିଚା ଭଜନ ସମାରୋହର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ‘ଭକ୍ତି ଆରାଧନା’ ଅନୁଷ୍ଠାନର କଣ୍ଠଶିଳ୍ପୀ ପ୍ରଦୀପ କୁମାର, କୁମାର ମିଲୁ, ସୁବାସ ଦାସ, ସୁଶ୍ରୀ ସଙ୍ଗୀତା, ଅନନ୍ୟା ପ୍ରିୟଦର୍ଶିନୀଙ୍କ ମନଛୁଆଁ ଭଜନ ଶ୍ରୋତାଙ୍କୁ ବିଭୋର କରିଥିଲା। ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଗଗନ ବିହାରୀ ନନ୍ଦ, ସତ୍ୟନାରାୟଣ କର, ଟଙ୍କଧର ବେହେରା, ସାଗିର ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।




କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରୁଛନ୍ତି।

# ସାମୂହିକ ଆଚାର୍ଯ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଛେଣ୍ଡିପଦା,୨।୭(ସ୍ୱ.ପ୍ର)**

ଛେଣ୍ଡିପଦାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୪ଦିନ ଧରି ଚାଲିଥିବା ସଙ୍କୁଳସ୍ତରୀୟ ଅଚାର୍ଯ୍ୟ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସଙ୍କୁଳ ସଂଯୋଜକ ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ୬ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମସ୍ତ ଗୁରୁଜୀଗୁରୁମାଙ୍କୁ ନୂତନ ଶିକ୍ଷାନୀତି ଉପରେ ତାଲିମ ଦିଆଯାଇଥିଲା। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ୨ୟ ଦିବସରେ ଜିଲା ପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରା, ୩ୟ ଦିବସରେ ସରପଞ୍ଚ ସୁଦୀପ୍ତ ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରାଇଥିଲେ। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନ, ମୁଖ୍ୟବକ୍ତା ଛେଣ୍ଡିପଦା ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବସନ୍ତ ସାହୁ, ସମ୍ମାନିତ ଅତିଥି କୋଶଳା ଶିଶୁମନ୍ଦିର ପରିଚାଳନା ସମିତି ଉପସଭାପତି ଦିଲୀପ ସାହୁ ପ୍ରମୁଖ ଉପସ୍ଥିତ ରହି ମାର୍ଗଦର୍ଶନ କରାଇଥିଲେ। ବିଦ୍ୟାଧର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



ଆଚାର୍ଯ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

# ୫୩ବର୍ଷ ପରେ ଧୀରପାଟଣାରେ ରଥଯାତ୍ରା



ଧୀରପାଟଣା ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ଢେଙ୍କାନାଳ ଅଫିସ, ୨।୭**

ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ହେବାର ଦୀର୍ଘ ୫୩ବର୍ଷ ପରେ ଢେଙ୍କାନାଳ ସଦର ବ୍ଲକ ଧୀରପାଟଣା ଗ୍ରାମରେ ଶୁକ୍ରବାର ଅନୁଷ୍ଠିତ ହୋଇଛି ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା। ସହସ୍ରାଧିକ ଶ୍ରଦ୍ଧାଳୁ ଏଭଳି ପ୍ରତୀକ୍ଷିତ ମୁହୂର୍ତ୍ତର ସାକ୍ଷୀ ରହିଥିବାବେଳେ ଘଣ୍ଟଘଣ୍ଟା, ନାମ ସଂକୀର୍ତ୍ତନ, ଲଉଡ଼ିବାଡ଼ି, ଘୁମୁରା ନୃତ୍ୟରେ ଗ୍ରାମରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ।

୧୯୬୯ରୁ ଗ୍ରାମରେ ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରତିଷ୍ଠା ହୋଇଥିବାବେଳେ ନୀତିକାନ୍ତି ଅନୁଯାୟୀ ଚତୁର୍ଦ୍ଧା ବିଗ୍ରହ ପୂଜାପାଇ ଆସୁଛନ୍ତି। ହେଲେ ବିଭିନ୍ନ କାରଣରୁ ରଥଯାତ୍ରା ଆୟୋଜନ କରାଯାଇପାରୁ ନ ଥିଲା। ଚଳିତବର୍ଷ ଗ୍ରାମବାସୀ ଏକାଠି ହୋଇ ମହାପ୍ରଭୁଙ୍କ ଘୋଷଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲେ। ଢେଙ୍କାନାଳ ଯୁବରାଜ ଅମରଜ୍ୟୋତି ସିଂହଦେଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରଥାରୂଢ଼ କରାଇବା ସହ ଛେରାପହଁରା କରିଥିଲେ। ରାଜପୁରୋଧା ଶଶିକାନ୍ତ ମିଶ୍ର ଉପସ୍ଥିତ ଥିଲା। ଚାରି ଚକ ବିଶିଷ୍ଟ ଏହି ରଥ ବେଶ୍ ଆକର୍ଷଣୀୟ ହୋଇଛି। ସତ୍ୟବ୍ରତ ମଠ ସଂଲଗ୍ନ ପାଚେରି ପରିବେଷ୍ଟିତ ପ୍ରଶସ୍ତ ସ୍ଥାନରେ ଅସ୍ଥାୟୀ ଆଡପ ମଣ୍ଡପ ନିର୍ମାଣ କରାଯାଇଛି। ବାହୁଡ଼ା ଦଶମୀ ଯାଏ ସେଠାରେ ଚତୁର୍ଦ୍ଧାବିଗ୍ରହ ପୂଜା ପାଇବେ। ଗ୍ରାମ ମୁଖିଆ ତଥା ଅବସରପ୍ରାପ୍ତ ଶିକ୍ଷକ ରବିନାରାୟଣ ସାହୁ, କାଜୁ ବ୍ୟବସାୟୀ ସୁନୀଲ ସାହୁ, ତ୍ରିଲୋଚନ ସାହୁ, ପ୍ରଶାନ୍ତ ସାହୁ, ଅରୁଣ ସାହୁ ପରିଚାଳନା କରିଥିଲେ। ଜିଲା ଜଗନ୍ନାଥ ଚେତନା ସମିତି ସଭାପତି ପ୍ରଦ୍ୟୁମ୍ନ ରଥ, ଉପଦେଷ୍ଟା ଭାବଗ୍ରାହୀ ପଣ୍ଡା, ବରିଷ୍ଠ ସଭ୍ୟ ଗୁପ୍ତେଶ୍ୱର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି



ମହାପ୍ରଭୁଙ୍କୁ ପହଣ୍ଡି କରି ନିଆଯାଉଛି।

**ଢେଙ୍କାନାଳ ଅଫିସ/ଭୁବନ(ଡି.ଏନ୍.ଏ.), ୨।୭**

ଢେଙ୍କାନାଳର ଦୁଇ ରଥ ଶନିବାର ମାଉସୀ ମା’ ମନ୍ଦିରରେ ପହଞ୍ଚିଛି। ଆବଶ୍ୟକ ନୀତିକାନ୍ତି ପରେ ରାତି ୮ଟାରେ ଶ୍ରୀଜୀଉମାନେ ପହଣ୍ଡି ହୋଇ ଆଡପମଣ୍ଡପରେ ବିଜେ କରିଛନ୍ତି। ପ୍ରବଳ ବର୍ଷା ଯୋଗୁ ନୀତିକାନ୍ତି ବିଳମ୍ବ କାରଣରୁ ଶୁକ୍ରବାର ରଥଟଣା ବିଳମ୍ବିତ ହୋଇଥିଲା। ଫଳରେ ଆନନ୍ଦବଜାର ଓ କାଞ୍ଚନବଜାରରେ ଦୁଇରଥ ଅଟକି ଯାଇଥିଲା। ଜିଲା ପ୍ରଶାସନ ଓ ଦେବୋତ୍ତର ବିଭାଗର ନିଷ୍ପତ୍ତି କ୍ରମେ ଶନିବାର ପୂର୍ବାହ୍ନ ୮ଟା ୪୫ରେ ପୁନର୍ବାର ରଥଟଣା ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୯ଟାରେ ବଡ଼ରଥ ଏବଂ ସାଢ଼େ ୯ଟାରେ ସାନରଥ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ଅପରାହ୍ନ ୫ଟାରେ ରଥାରୂଢ଼ ଦିଅଁଙ୍କୁ ପହଣ୍ଡି କରି ଆଡ଼ପ ମଣ୍ଡପକୁ ନିଆଯାଇଥିଲା। ଯୁବରାଜ ଅମରଜ୍ୟୋତି ସିଂଦେଓ ପହଣ୍ଡି କରିଥିଲେ। ଶ୍ରୀଜୀଉଙ୍କ ନୀତିକାନ୍ତି, ପୂଜାର୍ଚ୍ଚନା ପରେ ଜନ୍ମବେଦିକୁ ଠାକୁରଙ୍କୁ ନିଆଯାଇଥିଲା।

ସେହିପରି ଭୁବନରେ ମହାପ୍ରଭୁଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା ସମାପନ ହୋଇଛି। ତାଳଧ୍ୱଜ ରଥର ଦୁଇଟି ଚକ ଭାଙ୍ଗିଯିବାରୁ ମହାପ୍ରଭୁ ବଳରାମଙ୍କୁ ମା’ ସୁଭଦ୍ରାଙ୍କ ଦର୍ପଦଳନ ରଥରେ ବିଜେ କରାଯାଇଥିଲା। ଏହି କାରଣରୁ ରଥଟଣା ବିଳମ୍ବିତ ହୋଇଥିଲା ଏବଂ ନୂଆବଜାରରେ ଦୁଇରଥ ଅଟକି ରହିଥିଲା। ଶନିବାର ଅପରାହ୍ନ ସାଢ଼େ ୪ଟାରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା। ବଳଭଦ୍ର ଠାକୁର ଏବଂ ମା’ ସୁଭଦ୍ରା ବିରାଜମାନ କରିଥିବା ରଥକୁ ମହିଳାମାନେ ଏବଂ ନନ୍ଦିଘୋଷ ରଥକୁ ଶ୍ରଦ୍ଧାଳୁମାନେ ଟାଣିଥିଲେ। ଅପରାହ୍ନ ସାଢ଼େ ୫ଟାରେ ବଡ଼ହାଟସ୍ଥିତ ଗୁଣ୍ଡିଚା ମନ୍ଦିରରେ ଦୁଇରଥ ପହଞ୍ଚିବା ପରେ ଚତୁର୍ଦ୍ଧା ବିଗ୍ରହଙ୍କୁ ମାଉସୀ ମା’ ମନ୍ଦିରକୁ ପହଣ୍ଡି କରି ନିଆଯାଇଥିଲା। ଭୁବନ ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ରଙ୍କ ନେତୃତ୍ୱରେ ପୋଲିସ ମୁତୟନ ହୋଇଥିଲେ। ସଂକୀର୍ତ୍ତନମଣ୍ଡଳୀ, ଘଣ୍ଟୁଆଙ୍କ ଘଣ୍ଟନାଦରେ ପରିବେଶ ମୁଖରିତ ହୋଇଉଠିଥିଲା। ମନ୍ଦିର ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।



ମାଉସୀ ମା’ ମନ୍ଦିର ନିକଟରେ ଦୁଇରଥ।

